୨୭ ଜୁଲାଇ- ୨ ଅଗଷ୍ଟ , ୨୦୨୫

ସକାଳ
THE SAKALA

ରବିବାର ସିନ୍ଦୁରା

- ପ୍ରକୃତି ପ୍ରେମ
- ପ୍ରକୃତି ସଂରକ୍ଷଣ
- ପ୍ରକୃତି ସଂରକ୍ଷଣ ପାଇଁ ସଚେତନତା
- ପ୍ରକୃତି ସଂରକ୍ଷଣ ଏକ ଆହ୍ୱାନ
- ପରିବେଶ ପ୍ରଦୂଷଣ

ମାତୃରୂପା ପ୍ରକୃତି

vedanta transforming for good
MCL MAHANADI COALFIELDS LIMITED
JSW BPSL Better Everyday
Paradeep Phosphates
नालको NALCO
AM/NS INDIA
imfa

ମାନବ ସମାଜ ପ୍ରତି ପ୍ରକୃତି ହେଉଛି ଈଶ୍ୱରଙ୍କ ଅମୂଲ୍ୟ ବରଦାନ । ଆମ ଚତୁଃପାର୍ଶ୍ୱରେ ଯାହା ଦେଖୁଛି ସବୁ ପ୍ରକୃତିର ଏକ ଏକ ଅଂଶ । ଜଳ, ମାଟି, ନଦୀ, ସମୁଦ୍ର, ଗଛଲତା, ଫଳଫୁଲ, ମଣିଷ, ପଶୁପକ୍ଷୀ ଆଦି ଏଥିରେ ଅନ୍ତର୍ଭୁକ୍ତ । ପ୍ରକୃତିର କୋଳରେ ଜୀବିତ ରହିବା ପାଇଁ ପ୍ରତ୍ୟେକ ପ୍ରାଣୀ ପରସ୍ପର ସହିତ ଜଡ଼ିତ ଓ ନିର୍ଭରଶୀଳ । ମନୁଷ୍ୟ ସହିତ ପଶୁପକ୍ଷୀ ମଧ୍ୟ ଏହାରି କୋଳରେ ଆବାସ କରି ଜୀବନଧାରଣ କରିଥାନ୍ତି । ସୁସ୍ଥ ଜୀବନ ଯାପନ ପାଇଁ ସ୍ୱଚ୍ଛ ପ୍ରକୃତି ଅତ୍ୟନ୍ତ ଆବଶ୍ୟକ । ପୃଥିବୀର ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ଏହାର ଅବଦାନ ଅତୁଳନୀୟ । ତେବେ ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ଜୈବ ବିବିଧତା ହ୍ରାସ ଯୋଗୁଁ ପ୍ରକୃତି ନଷ୍ଟ ହେବାରେ ଲାଗିଛି । ଯାହା ଏବେ ପରିବେଶବିଦ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ବେଳେ ବେଳେ ପ୍ରକୃତିର କୋପ ଧ୍ୱଂସର ତାଣ୍ଡବ ଲୀଳା ରଚେ । ତେବେ ଏକ ସୁସ୍ଥ ସମାଜ ପାଇଁ ସୁସ୍ଥ ପରିବେଶ ଓ ପ୍ରକୃତି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରକୃତି ସଂରକ୍ଷଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଜୀବଜଗତ ପ୍ରତି ପ୍ରକୃତିର ଅବଦାନ, ପ୍ରକୃତି ନଷ୍ଟ ହେବାର କାରଣ ଓ ପରିବେଶ ପ୍ରଦୂଷଣ, ପ୍ରକୃତିର ସଂରକ୍ଷଣ ପାଇଁ ସଚେତନତା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

ମାତୃରୂପୀ ପ୍ରକୃତି

ପ୍ରସ୍ତୁତି : 'ସକାଳ' ବ୍ୟୁରୋ

କେମିତି କଟିବ ସପ୍ତାହ

ମେଷ
ରବି, ସୋମବାରରେ ପରଚର୍ଚ୍ଚାରୁ ଦୂରେଇ ରୁହନ୍ତୁ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ରବାରରେ ପ୍ରଗତିର ଗତିରୋଧ ଦେଖାଦେବ । ଶନିବାରରେ ବ୍ୟବସାୟ ପ୍ରସାର ପାଇଁ ସାଙ୍ଗସାଥୀଙ୍କ ସହଯୋଗ ପାଇବେ ।

ବୃଷ
ରବି, ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧବାରରେ କାର୍ଯ୍ୟ ପୂରଣ ହେବ । ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶନିବାରରେ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ରହିବ ।

ମିଥୁନ
ରବି, ସୋମବାରରେ କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ । ମଙ୍ଗଳ, ବୁଧବାରରେ, ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ବ୍ୟବସାୟରେ ଲାଭାନ୍ୱିତ ହେବେ । ଗୁରୁ, ଶୁକ୍ରବାରରେ ବିଭିନ୍ନ କ୍ଷେତ୍ରରେ ଭାଗ୍ୟ ଉଦୟ ହୋଇପାରେ । ଶନିବାରରେ ବିଦେଶଭ୍ରମଣ ଯୋଗ ରହିଛି ।

କର୍କଟ
ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ଗୁରୁ, ଶୁକ୍ରବାରରେ ମାନସମ୍ମାନ ବୃଦ୍ଧି, ବ୍ୟବସାୟରେ ଲାଭ । ଶନିବାରରେ ପରିବାରଠାରୁ ଆର୍ଥିକ ସହଯୋଗ ପାଇବେ ।

ସିଂହ
ରବି, ସୋମବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ । ମଙ୍ଗଳ, ବୁଧବାରରେ ନୂତନ ନିଯୁକ୍ତି ସୁଯୋଗ ରହିଛି । ଗୁରୁ, ଶୁକ୍ରବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ସନ୍ତାନସନ୍ତତିଙ୍କ ଉନ୍ନତି ପରିଲକ୍ଷିତ ହେବ । ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

କନ୍ୟା
ରବି, ସୋମବାରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ଗତି କରିବେ । ମଙ୍ଗଳ, ବୁଧବାରରେ ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ଶତ୍ରୁମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ଶନିବାରରେ ଛାତ୍ରଛାତ୍ରୀ ପରିଶ୍ରମର ଫଳ ପାଇବେ ।

ତୁଳା
ରବି, ସୋମବାରରେ ନିଜ ପ୍ରତିଭାକୁ ପ୍ରମାଣିତ କରିବାରେ ଅସଫଳ ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ଗୁରୁ, ଶୁକ୍ରବାରରେ ମହିଳାମାନେ ଭାବପ୍ରବଣ ହେବେ । ଶନିବାରରେ ସନ୍ତାନସନ୍ତତିଙ୍କ ଚିନ୍ତାରେ ରହିବେ । ପରିବାରର ସହଯୋଗ ପାଇବେ ।

ବିଛା
ରବି, ସୋମବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ । ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ କୂଟ ଚକ୍ରାନ୍ତରେ ପଡ଼ିଯାଇପାରନ୍ତି । ଗୁରୁ, ଶୁକ୍ରବାରରେ ଧାର୍ମିକ ଚିନ୍ତାଧାରା ରଖି ଅନ୍ୟକୁ ସାହାଯ୍ୟ କରିବେ । ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ ।

ଧନୁ
ରବି, ସୋମବାରରେ ପୂର୍ବରୁ କରିଥିବା କଠିନ ପରିଶ୍ରମର ଫଳ ପାଇବେ । ମଙ୍ଗଳ, ବୁଧବାରରେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାର, ଶନିବାରରେ ଆୟର ନୂତନ ପନ୍ଥା ବାହାରିବ । ଧନ ସମ୍ପତ୍ତି ବୃଦ୍ଧି ପାଇବ ।

ମକର
ରବି, ସୋମବାରରେ ନୂତନ ନିଯୁକ୍ତି ସୁଯୋଗ ପାଇପାରନ୍ତି । ମଙ୍ଗଳ, ବୁଧବାରରେ ପରିବାରରେ ଆପଣଙ୍କ କଥାର ମର୍ଯ୍ୟାଦା ରହିବ । ଗୁରୁ, ଶୁକ୍ରବାରରେ ଉଧାର ଦେବାରୁ ଦୂରେଇ ରୁହନ୍ତୁ । ଶନିବାରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭାଗନେଇ ସଫଳତା ପାଇବେ ।

କୁମ୍ଭ
ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ । ଗୁରୁ, ଶୁକ୍ରବାରରେ ପରିବାରବର୍ଗଙ୍କ ସହ ଧାର୍ମିକ ଯାତ୍ରାରେ ଯାଇପାରନ୍ତି । ଶନିବାରରେ ବ୍ୟବସାୟିକ ବିବାଦ ଦେଖାଦେଇପାରେ ।

ମୀନ
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଶାରୀରିକ ଅସୁସ୍ଥତା ଦେଖାଦେବ । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ରବାରରେ ଆୟରେ ବାଧା ଉପୁଜିପାରେ । ଶନିବାରରେ ଅତିଥିଙ୍କ ଆଗମନରେ ଆନନ୍ଦିତ ହେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

ପ୍ରକୃତି ପ୍ରେମ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ପ୍ରକୃତିର ଅବକ୍ଷୟ

ଗ୍ରୀକ୍ ଶବ୍ଦ "ଫିଲିଆ" (Philia) ଅର୍ଥ ହେଲା ଭଲ ପାଇବା ଏବଂ 'ବାଇଓ' ଶବ୍ଦଟି ପ୍ରକୃତି ସମେତ ତାହା ଧାରଣ କରୁଥିବା ଜୀବଜଗତକୁ ବୁଝାଏ। ଅତଏବ 'ବାଇଓଫିଲିଆ' ହେଲା ସମଗ୍ର ସଜୀବ ଶ୍ରେଣୀ ତଥା ସାମଗ୍ରିକ ଭାବେ ପ୍ରକୃତିକୁ ଭଲ ପାଇବା। ଏ ଶବ୍ଦଟି ପ୍ରଥମେ ୧୯୭୩ ମସିହାରେ ଜର୍ମାନୀରେ ଜନ୍ମିତ ଆମେରିକୀୟ, ଏରିକ୍ ଫ୍ରମ୍ ତାଙ୍କ ଗବେଷଣାପତ୍ର "ଦ ଆନାଟୋମି ଅଫ୍ ହ୍ୟୁମାନ୍ ଡେଷ୍ଟ୍ରିକ୍ଟିଭ୍‌ନେସ" (The Anatomy of human destructiveness)ରେ ବୈଜ୍ଞାନିକ ମତବାଦ ରୂପେ ବାହାର କରିଥିଲେ। ଏଥିରେ ସେ ସୂଚିତ କରିଥିଲେ ଯେ, ମଣିଷର ପ୍ରକୃତି ଓ ଏହାର ବିବିଧତା ପ୍ରତି ଏକ ଜନ୍ମଗତ ସଂପୃକ୍ତି ରହିଛି, ଯାହାକି ତା'ର ସୁସ୍ଥ ଜୀବନଯାପନ ଏବଂ ସନ୍ତୁଷ୍ଟି ପାଇଁ ଏକାନ୍ତ ଆବଶ୍ୟକ। ଅତଏବ ପ୍ରକୃତିର ଅବକ୍ଷୟ ଘଟିଲେ ତାହାର ପରିଣାମ ତା' ପାଇଁ ଭୟାବହ ହୋଇପାରେ।



୧୯୮୪ ମସିହାରେ ଏଡ୍‌ୱାର୍ଡ ଓ ୱିଲସନ୍ ତାଙ୍କ ରଚିତ ପୁସ୍ତକ "ବାଇଓଫିଲିଆ: ଦି ହ୍ୟୁମାନ୍ ବଣ୍ଡ ଉଇଥ୍ ଅଦର୍ ସ୍ପେସିଜ୍" (Biophilia : The human bond with other species)ରେ ଏହି ଚିନ୍ତାଧାରାକୁ ସଂପ୍ରସାରିତ କଲେ। ତହିଁରେ ସେ ମତ ଦେଲେ ଯେ, ପ୍ରାକୃତିକ ଦୁନିଆ ପ୍ରତି ଆମର ସକାରାତ୍ମକ ମନୋଭାବ ସହଜାତ ଏବଂ ମନସ୍ତତ୍ତ୍ୱର ସାର୍ବଜନୀନ ଅଂଶବିଶେଷ। ଏହି କାରଣରୁ ଆମେ କର୍ମକ୍ଲାନ୍ତ ହୋଇପଡ଼ିଲେ ନିକଟସ୍ଥ ଉଦ୍ୟାନରେ କିଛି ସମୟ ଅତିବାହିତ କରୁ କିମ୍ବା ବଣ ଜଙ୍ଗଲକୁ ଯାଉ ପରିଭ୍ରମଣରେ, ନତୁବା ଚିଡ଼ିଆଖାନା, ଆକ୍ୟୁଆରିୟମ୍ କିମ୍ବା ପକ୍ଷୀଗହନ ଆଜି ପରିଦର୍ଶନ କରୁ। ଘରେ ପଶୁପକ୍ଷୀ ପାଳନ ମଧ୍ୟ ଏହି ପ୍ରବୃତ୍ତିର ଏକ ଅଂଶ ବିଶେଷ। ଏଠାରେ ସୂଚନାଯୋଗ୍ୟ ଯେ, ଅରଣ୍ୟ ବା ପକ୍ଷୀଗହନ ପରିଦର୍ଶନ, ମହୁମାଛି ବା ପଶୁପକ୍ଷୀ ପାଳନ ଆଦିକୁ ଆମ ସୁସ୍ୱାସ୍ଥ୍ୟ ସହିତ ସଂପୃକ୍ତ କରନ୍ତି ଇଂଲଣ୍ଡର "ୟୁନିଭର୍ସିଟି ଅଫ୍ ମେଡିସିନ୍ସ ଆଣ୍ଡ ହେଲଥ୍ ସାଇନ୍‌ସେସ୍"ର ପ୍ରଫେସର ଜୋଲାଣ୍ଟ ବୁର୍‌କେ। ତାଙ୍କ ମତରେ "ବାଇଓଫିଲିଆ" ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଆମ ମାନସିକ ଚାପ ହ୍ରାସ ତଥା ଦୈହିକ ସକ୍ରିୟତା ଲାଗି ଏକ ପ୍ରାକୃତିକ ଔଷଧ ରୂପେ କାର୍ଯ୍ୟ କରେ।



ଏଡ୍‌ୱାର୍ଡ ଓ ଉଇଲସନ୍

ବାଇଓଫିଲିଆ

ମା' ସହିତ ସନ୍ତାନର ସଂପର୍କ ସବୁଠାରୁ ନିବିଡ଼। ଏହା ଏକ ଜନ୍ମଗତ ପ୍ରବୃତ୍ତି। ପ୍ରକୃତି ହେଲା ଆମ ସମସ୍ତଙ୍କର ମହାନ ଜନନୀ। ଏଣୁ ସ୍ୱାଭାବିକ ଭାବେ ଆମେ ତାକୁ ଭଲ ପାଉ। ବୈଜ୍ଞାନିକମାନଙ୍କ ମତରେ ଏ ସମ୍ପର୍କ ବିବର୍ତ୍ତନ ସହ ସଂପୃକ୍ତ, ଯାହାକି ମଣିଷର ଜିନ୍‌ରେ ଅଙ୍କିତ ହୋଇଯାଇଛି, ସେଥିପାଇଁ ଦିଗନ୍ତ ବିସ୍ତାରୀ ଜଳରାଶି ଓ ବିସ୍ତୀର୍ଣ୍ଣ ସବୁଜିମା ମଧ୍ୟରେ ସେ ଭୁଲି ଯାଏ ତା'ର ସମସ୍ତ ପାର୍ଥିବ ଦୁଃଖ, ଯନ୍ତ୍ରଣା। ଏ ଦୁଇଟି ହେଲେ ପ୍ରକୃତି ମାତାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହାରି ମଧ୍ୟରେ ସୃଷ୍ଟି ଏବଂ ବିକାଶ ଲାଭ କରିଛି ମଣିଷ ସମେତ ସମଗ୍ର ଜୀବଜଗତ। ତେଣୁ ତାହାରି ଭିତରେ ଆମେ ଲାଭ କରୁ ମା' କୋଳର ଅନୁଭୂତି। ହାଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଏଡ୍‌ୱାର୍ଡ ଓ. ଉଇଲସନ ଏହାକୁ ନାମିତ କରିଛନ୍ତି "ବାଇଓଫିଲିଆ" ବୋଲି (Biophilia)।

ସଙ୍କୁଚିତ ହେଉଛି ପ୍ରାକୃତିକ ପରିବେଶ

ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ମଣିଷ ପ୍ରାକୃତିକ ଦୁନିଆଠାରୁ ଦୂରେଇ ଯିବା ପ୍ରକ୍ରିୟା ଆଜିଠାରୁ କେତେ ଶହ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯେତେବେଳେ କି ସେ ଆଧୁନିକ ଗୃହ ନିର୍ମାଣ କରି ବସତି ସ୍ଥାପନ କରିବାକୁ ଲାଗିଲା ଏବଂ ଏ ସଂପର୍କର ଦ୍ରୁତ ଅବକ୍ଷୟ ଘଟି ଚାଲିଲା ଊନବିଂଶ ଶତାବ୍ଦୀ ତଥା ବିଂଶ ଶତାବ୍ଦୀରେ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ସମାନ୍ତରାଳ ଭାବେ। ଦ୍ରୁତ ଶିଳ୍ପକରଣ, ସହରୀକରଣ ଏବଂ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଯୋଗାଣ ଲାଗି କୃଷିର ସମ୍ପ୍ରସାରଣ ତଥା ଅନ୍ୟାନ୍ୟ ଆଧୁନିକ ଜୀବନଧାରା ଫଳରେ ଏହି ବିଚ୍ଛିନ୍ନତା ଅଧିକ ତ୍ୱରିତ ହେଲା। ଏହା ସହିତ ସଙ୍କୁଚିତ ହେବାକୁ ଲାଗିଲା ପ୍ରାକୃତିକ ପରିବେଶ ଏବଂ ପରିବର୍ଦ୍ଧିତ ହେଲା ଆମେ ଆଜି ଭୋଗୁଥିବା ନାନାଦି ବିପର୍ଯ୍ୟୟ।

ମଣିଷର ଜିନ୍‌ରେ ଏକ ଜନ୍ମଗତ ପ୍ରବୃତ୍ତି ରୂପେ, "ବାଇଓଫିଲିଆ" ମୁଦ୍ରିତ ହୋଇଥାଏ ବୋଲି ୱିଲସନ୍‌ଙ୍କ ମତବାଦର କିଛି ସମାଲୋଚକ ଅଛନ୍ତି। ସେମାନଙ୍କ ମଧ୍ୟରେ ଅନ୍ୟତମ ହେଲେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଭାନେସା ଉଡସ୍। ସେ ଏବଂ ତାଙ୍କ ସହଯୋଗୀ ମେଲିନା କ୍ଲୁଥ୍ ବିଗତ ୨୦୨୩ ମସିହା ନଭେମ୍ବର- ଡିସେମ୍ବର ସଂଖ୍ୟା "ଦ' ଜର୍ଣ୍ଣାଲ ଅଫ୍ ବାଇଯୋ-ଇକୋନୋମିକ୍ସ (The Journal of Bio- economics) ରେ ଦର୍ଶାଇଛନ୍ତି ଯେ, ଯଦି ଏହା ଜିନ୍ ସହିତ ସଂପୃକ୍ତ ଏବଂ ମସ୍ତିଷ୍କ ସହିତ ନିବିଡ଼ ଭାବେ ଜଡ଼ିତ ତା'ହେଲେ ସାର୍ବଜନୀନ ହେବା କଥା, ଯାହା କି ୱିଲସନ୍‌ଙ୍କ ମତରେ ଦେଖାଯାଏ ନାହିଁ। ସେମାନେ ଏଥିପାଇଁ ଉଦ୍ଧାର କରନ୍ତି, କିଛି ବର୍ଷତଳେ ଜାପାନର କିଛି ବୈଜ୍ଞାନିକମାନଙ୍କର ପରୀକ୍ଷାର ଫଳାଫଳ। ଏଥିରେ ସେମାନେ ପ୍ରାକୃତିକ ଏବଂ ସହରୀ ପରିବେଶ ମଧ୍ୟରେ ଥିବାବେଳେ ବ୍ୟକ୍ତି - ବ୍ୟକ୍ତି ମଧ୍ୟରେ ଥିବା ସ୍ୱୟଂକ୍ରିୟ ଚାପ ସହ ସଂପୃକ୍ତ ସ୍ନାୟବିକ ବ୍ୟବସ୍ଥାରେ ଫରକ୍ ସମ୍ପର୍କରେ ଅଧ୍ୟୟନ କରିଥିଲେ। ତହିଁରୁ ଜଣାପଡ଼ିଲା ଯେ, ଅନ୍ତତଃ, ୨୦ ଶତାଂଶ ଲୋକ ଜଙ୍ଗଲ ଓ ଗଛଲତାପୂର୍ଣ୍ଣ ପ୍ରାକୃତିକ ପରିବେଶ ମଧ୍ୟରେ ଚାପମୁକ୍ତ ଅନୁଭବ କଲେ ନାହିଁ। ସେଥିପାଇଁ ତାକୁ ଦୃଷ୍ଟିରେ ରଖି ୱିଲସନ୍‌ଙ୍କ ମତବାଦରେ କେତେକ ପରିବର୍ତ୍ତନ ଆଣି ଏହାକୁ ଏକ ପ୍ରକାର ଜିନ୍‌ଗତ ତ୍ରୁଟି ବୋଲି ଅଭିହିତ କଲେ।

ପ୍ରାକୃତିକ ପରିବେଶର ଆବଶ୍ୟକତା

ବର୍ତ୍ତମାନ ସୁଦ୍ଧା "ବାଇଓଫିଲିଆ"କୁ ପ୍ରଭାବିତ କରୁଥିବା ଜିନ୍ ଚିହ୍ନଟ ହୋଇ ପାରିନାହିଁ। ତଥାପି ବିଶ୍ୱାସ କରାଯାଉଛି ଯେ' ତାହା ଅଧିକାଂଶ ବ୍ୟକ୍ତିଙ୍କଠାରେ ସକ୍ରିୟ ରହିଛି। ସେଥିପାଇଁ ଏବେ ଗବେଷକମାନେ ବିବିଧ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାକୁ ସଂପୃକ୍ତ କରିବାକୁ ଲାଗିଲେଣି। ଫଳରେ ସେ ଦୁଇଟି ମଧ୍ୟରେ ଏକ ସମନ୍ୱୟ ସୃଷ୍ଟି ହୋଇପାରିଛି। ଆମେରିକାର ଜୀବ ବିଜ୍ଞାନୀ ଲିନ୍ ମାର୍ଗୁଲିସ୍ ଓ ଡୋରିଅନ୍ ସଂଗେନ୍ ଏବଂ ଭାରତୀୟ ପରିସଂସ୍ଥାବିତ୍ ମାଧବ ଗାଡ୍‌ଗିଲ୍ ପ୍ରମୁଖ ମନେକରନ୍ତି ଯେ, ଅନ୍ୟ ସଜୀବମାନଙ୍କ ପ୍ରତି ମଣିଷର ଆକର୍ଷଣ ବର୍ତ୍ତମାନଯୁଗର ପ୍ରଯୁକ୍ତିବିଦ୍ୟାର ବିକାଶର ପ୍ରତିଫଳିତ ହେବାକୁ ଲାଗିଲାଣି। ଉଦାହରଣ ସ୍ୱରୂପ, ଆଣବିକ ଜୀବ ବିଜ୍ଞାନୀ ଏବଂ ଜିନୀୟ ଇଞ୍ଜିନିୟରିଂରେ ବ୍ୟବହୃତ ନୂତନ ପ୍ରଯୁକ୍ତିବିଦ୍ୟା ଏବେ ବୈଜ୍ଞାନିକମାନଙ୍କୁ ନୂତନ ଶ୍ରେଣୀର ଜୀବନ ସୃଷ୍ଟି କରିବାକୁ ସକ୍ଷମ କରୁଛି। ଏଗୁଡ଼ିକକୁ ଲୋକେ ପ୍ରାକୃତିକ ତୁଲ୍ୟ ଗ୍ରହଣ କରୁଛନ୍ତି, ପୁନଶ୍ଚ ଅନେକ ସ୍ଥପତି ବାସଗୃହ, କଳକାରଖାନା, ଅଫିସ୍ ଅନ୍ୟାନ୍ୟ କାମ କରିବାର ସ୍ଥାନ ଇତ୍ୟାଦିର ପରିବେଶ ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କର ମାନସିକ ସ୍ୱାସ୍ଥ୍ୟର ସଂପୃକ୍ତିକୁ ସ୍ୱୀକାର କଲେଣି। ତେଣୁ ସେମାନେ ଏଗୁଡ଼ିକର ଡିଜାଇନ୍‌କୁ ପ୍ରାକୃତିକ ରୂପ ଦେବା ଆରମ୍ଭ କରିଛନ୍ତି। ଏଥିରେ ଯଥାସମ୍ଭବ ସୂର୍ଯ୍ୟାଲୋକ ପଡ଼ିବା, ବାୟୁ ଚଳାଚଳ ହେବା, ପ୍ରାକୃତିକ



ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ଗୃହ ମଧ୍ୟରେ ବଢୁଥିବା ଗଛଲତା ଏବଂ ଜଳାଶୟମାନ ରହୁଛନ୍ତି। ଏହାକୁ କୁହାଯାଉଛି, "ବାଇଓଫିଲିଆ ଡିଜାଇନ୍" । ଏହା ତୁଳନାତ୍ମକ ଭାବେ ମାନସିକ ଚାପ, ହ୍ରାସ, କାର୍ଯ୍ୟ କରିବାର ସ୍ପୃହା ବୃଦ୍ଧି ଏବଂ ସର୍ବତୋଭାବେ ସନ୍ତୁଷ୍ଟ ରହିବା ଦିଗରେ ସହାୟକ ହେଉଛି।

"ୟୁନିର୍ଭରସିଟି କଲେଜ୍ ଅଫ୍ ଲଣ୍ଡନ" ଅଧୀନସ୍ଥ 'ବାର୍ଟଲେଟ୍ ସ୍କୁଲ ଅଫ୍ ଆର୍କିଟେକ୍‌ଚର୍'ର ପ୍ରସିଦ୍ଧ ସ୍ଥପତି ଅଲିଭ ହିଥ୍ ଗତ ୨୦୧୮ ମସିହାରେ କରିଥିବା ଏକ ସର୍ବେକ୍ଷଣ ଅନୁସାରେ, ଯେ କୌଣସି ଅନୁଷ୍ଠାନ ବା କର୍ମସ୍ଥଳୀରେ ପ୍ରାକୃତିକ ପରିବେଶ ସୃଷ୍ଟି କର୍ମଚାରୀମାନଙ୍କଠାରେ କାମ କରିବାର ଉତ୍ସାହ ୧୦-୧୫ ଶତାଂଶ ଏବଂ ସନ୍ତୁଷ୍ଟିଭାବ ୧୫-୨୦ ଶତାଂଶ ବୃଦ୍ଧି କରେ। ସେହିପରି ଏହା ଅନମଯୋଗିତା ଦୂର କରିବା ମାଧ୍ୟମରେ ଶିକ୍ଷା କରିବାର ଦକ୍ଷତା ପ୍ରାୟ ୨୫ ଶତାଂଶ ବଢ଼ାଇଥାଏ। ପୁନଶ୍ଚ ଅସ୍ତ୍ରଚିକିତ୍ସା ହେଲାପରେ ସମ୍ପୂର୍ଣ୍ଣ ସୁସ୍ଥ ହେବାର ସମୟ ଏବଂ ଯନ୍ତ୍ରଣା ଉପଶମ ଔଷଧ ବ୍ୟବହାର ଏହାଦ୍ୱାରା ଯଥାକ୍ରମେ ୯ ଶତାଂଶ ଏବଂ ୨୫ ଶତାଂଶ ହ୍ରାସ ପାଏ। ଏ ସମସ୍ତ କଥା ବିଚାରକୁ ନେଇ ଏବେ ସ୍ଥପତିମାନେ ବାସଗୃହ ଅଫିସ୍ ଓ କଳକାରଖାନାଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ସମସ୍ତ ସଂସ୍ଥାନର ଚତୁଃପାର୍ଶ୍ୱରେ ପ୍ରାକୃତିକ ଅନୁରୂପ ପରିବେଶଟି ରଖିବାକୁ ଚାହୁଁଛନ୍ତି।

ପ୍ରକୃତିର ସୁରକ୍ଷା ପାଇଁ ସତର୍କତା

ଅତଏବ ଏହା ମନକୁ ପ୍ରଶ୍ନଟିଏ ଆଣୁ ଯେ, ଯଦି ପ୍ରକୃତିର ଅନୁକରଣରେ ସୃଷ୍ଟ କୃତ୍ରିମ ପରିବେଶର ମଣିଷ ଉପରେ ଏତେ ଏତେ ଅନୁକୂଳ ପ୍ରଭାବ ପକାଇ ପାରୁଛି, ତେବେ ତାହାର ପ୍ରକୃତ ସ୍ୱୟଂସମ୍ପୂର୍ଣ୍ଣ ପରିବେଶର ଏଭଳି ପ୍ରଭାବ କେତେ ଅଧିକ ନ ହେବ? ଏପରିସ୍ଥଳେ ତାହାର ସଂରକ୍ଷଣ ନିଶ୍ଚିତ ରୂପେ ମାନବ ସମାଜର ବର୍ତ୍ତମାନ ତଥା ଭବିଷ୍ୟତ ଲାଗି ଅତ୍ୟାବଶ୍ୟକ। କିନ୍ତୁ ବଡ଼ କ୍ଷୋଭର ବିଷୟ ଯେ, ଏକଥା ବୁଝି ସୁଦ୍ଧା ଆମେ ତାହାକୁ ବିଧ୍ୱଂସ କରିଛେ ଆମର ନିତ୍ୟ ବର୍ଦ୍ଧମାନ, ଚିର ଅତୃପ୍ତ ଲୋଭଗ୍ରସ୍ତ ଆକାଂକ୍ଷାର ପରିତୃପ୍ତି ପାଇଁ। ଫଳରେ

ପ୍ରତିବର୍ଷ ଦୁନିଆର ଧ୍ୱଂସ ପାଉଛି ଶହ ଶହ ହେକ୍ଟର ଅରଣ୍ୟ, ବିଲୁପ୍ତ ହେଉଛନ୍ତି, ଶହ ଶହ ଜୀବଜାତି , ବିପର୍ଯ୍ୟସ୍ତ ହେବାର ଲାଗିଛି ପରିସଂସ୍ଥା ଏବଂ ପ୍ରଦୂଷିତ ହୋଇ ରହିଛି ଜଳ ଓ ବାୟୁ। ଅତଏବ ରୁଗ୍‌ଣ ହୋଇ ଚାଲିଛି ଆମ ପ୍ରକୃତି ଜନନୀ ଯାହାକି, ଆମନ୍ତ୍ରଣ କରି ଆଣୁଛି ନାନାଦି ବିପର୍ଯ୍ୟୟକୁ। ଏଣୁ ଚାଲନ୍ତୁ ଆମେ ଆମ 'ବାଇଓଫିଲିଆ' ପ୍ରବୃତ୍ତିକୁ ଅଧିକ ସକ୍ରିୟ କରିବା ଏବଂ ତାକୁ ସୁରକ୍ଷା ପ୍ରଦାନ କରିବା। ନଚେତ୍ ତାହା ଖୁବ୍ ଶୀଘ୍ର ଆମ ପ୍ରଜାତିର ବିଲୁପ୍ତିର କାରଣ ହେବ। ■

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର – ୭୫୧୦୩୦
ମୋ: ୯ ୯୩୭୩୦୧୪୬୦

ପ୍ରକୃତି ସଂରକ୍ଷଣ

ଇଂ ମାୟାଧର ସ୍ୱାଇଁ

ପୃଥିବୀର ବୃକ୍ଷଲତା, ଜୀବଜନ୍ତୁ, ଜଳ, ବାୟୁ ମାଟି ଆଦିକୁ ନେଇ ପ୍ରକୃତି । ଏଠାରେ ଜୀବଜଗତ ବଞ୍ଚି ରହିବା ପାଇଁ ପ୍ରକୃତି ଉତ୍ତମ ପରିବେଶ ସୃଷ୍ଟି କରିଛି । ଆମର ଜୀବନ ଧାରଣ ପାଇଁ ଆବଶ୍ୟକୀୟ ସମସ୍ତ ପଦାର୍ଥ ଆମେ ପ୍ରକୃତିଠାରୁ ପାଉଛେ । ତେବେ ଗତ କେତେ ବର୍ଷ ଧରି ଆମେମାନେ ପ୍ରକୃତି ଉପରେ ଅତ୍ୟଧିକ ଚାପ ପକାଇବା ସହିତ ଏହାକୁ ପ୍ରଦୂଷିତ କରୁଛେ । ଫଳରେ ଆଜି ସ୍ୱଚ୍ଛ ଜଳ ଓ ବାୟୁ ପାଇବା ଆମ ପକ୍ଷରେ କଷ୍ଟକର ହେଉଛି ।

ପ୍ରକୃତି ପ୍ରଦୂଷଣର କାରଣ

ପ୍ରକୃତି ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କଳକାରଖାନା ସ୍ଥାପନ ଏବଂ ସହରୀକରଣ । ଏହା ଯୋଗୁଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି ଏବଂ ଜଙ୍ଗଲର ଜୀବଜନ୍ତୁ ନିଜ ବାସସ୍ଥାନ ଛାଡ଼ି ଜନପଥ ଆଡ଼କୁ ଅଗ୍ରସର ହେଉଛନ୍ତି । ଆଜି ଅନେକ ସ୍ଥାନରେ ମନୁଷ୍ୟ ଓ ବନ୍ୟଜୀବ ମଧ୍ୟରେ ସଂଘର୍ଷ ଦେଖାଦେଇଛି । କଳକାରଖାନାରେ କୋଇଲା ଓ ତେଲ ଦହନ ଫଳରେ ବାୟୁମଣ୍ଡଳରୁ ପାଉଁଶ, କାର୍ବନ ମନୋକ୍ସାଇଡ, ସଲଫର୍ ଡାଇଅକ୍ସାଇଡ୍ ଆଦି ନିର୍ଗତ ହୋଇ ବାୟୁ ପ୍ରଦୂଷିତ ହେଉଛି । ପୁନଶ୍ଚ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହେବାରୁ ପୃଥିବୀର ଉଷ୍ଣତା ବୃଦ୍ଧି ପାଉଛି ଏବଂ ଏହା ଫଳରେ ଜଳବାୟୁ ପରିବର୍ତ୍ତନ ହୋଇ ଅନେକ କ୍ଷତି ହେଉଛି । କଳକାରଖାନାରୁ ନିର୍ଗତ ବିଷାକ୍ତ ରାସାୟନିକ ତରଳ ପଦାର୍ଥ, ସହରାଞ୍ଚଳର ନର୍ଦ୍ଦମା ଜଳ ଆଦି ନଦୀ, ନାଳରେ ମିଶି ଜଳ ପ୍ରଦୂଷଣ ହେଉଛି । ଆଜି ଗଙ୍ଗାଭଳି ନଦୀର ଅନେକ ସ୍ଥାନ ସ୍ନାନଯୋଗ୍ୟ ମଧ୍ୟ ହୋଇନାହିଁ । ଏହି ସବୁର କୁପ୍ରଭାବ ମାନବ ସମାଜ ଉପରେ ପଡୁଛି । ବାସ୍ତବରେ ଏଥିପାଇଁ ଆମେ ହିଁ ଦାୟୀ । ଏହାର ପ୍ରତିକାର ଆମକୁ କରିବାକୁ ହେବ ।

ପ୍ରକୃତି ଉପରେ ପଡୁଥିବା ଅତ୍ୟଧିକ ଚାପର କେତୋଟି କୁପରିଣାମ ଲକ୍ଷ୍ୟ କରିବା । ୧୯୭୦ ମସିହାଠାରୁ ପୃଥିବୀରେ ବଣ୍ୟଜୀବ ସଂଖ୍ୟା ୭୩ ପ୍ରତିଶତ ହ୍ରାସ ପାଇଛି । ଜୈବ ବିବିଧତା କେତେ ଦ୍ରୁତବେଗରେ ହ୍ରାସ ପାଉଛି, ଏହା ହେଉଛି ତାହାର ଏକ ସୂଚକ । ମଧୁର ଜଳଜୀବ କ୍ଷେତ୍ରରେ ଏହା ହେଉଛି ଅଧିକ ଦୁଃଖଦାୟକ । ଏମାନଙ୍କ ସଂଖ୍ୟା ଏହି ସମୟରେ ୮୫ ପ୍ରତିଶତ କମ୍ ହୋଇଛି । କୃଷି ଜମିରେ ବ୍ୟାପକ ପରିମାଣ ରାସାୟନିକ ସାର ପ୍ରୟୋଗ ହେଉଛି ଏହାର କାରଣ । ପୂର୍ବରୁ ଧାନ ଜମିରୁ ଯେପରି ମାଛ ଧରା ଯାଉଥିଲା, ଆଜିକାଲି ଆଉ ତାହା ନାହିଁ । ପ୍ରାୟ ଦଶଲକ୍ଷ ଜାତିର ପ୍ରାଣୀ ଓ ଉଦ୍ଭିଦ ପୃଥିବୀରୁ ବିଲୁପ୍ତ ହୋଇଯାଇଥିବାର ଆକଳନ କରାଯାଇଛି । ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ଜଙ୍ଗଲ କ୍ଷୟ ହେଉଛି । ରାସ୍ତା ନିର୍ମାଣ, ଜଳବନ୍ଧ ନିର୍ମାଣ, କଳକାରଖାନା ସ୍ଥାପନ ଏବଂ ନୂତନ ଜନବସତି ସ୍ଥାପନ ଯୋଗୁଁ ଜଙ୍ଗଲ ଜମିକୁ ଅଧିକ ଭାବରେ ବ୍ୟବହାର କରାଯାଉଛି ।

ପ୍ରକୃତି ସଂରକ୍ଷଣ ପ୍ରତ୍ୟେକଙ୍କ ଦାୟିତ୍ୱ

ପ୍ରକୃତି ସଂରକ୍ଷଣ ହେଉଛି ପ୍ରତ୍ୟେକଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । କେବଳ ସରକାର ଚାହିଁଲେ ହେବ ନାହିଁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏଥିପାଇଁ କାର୍ଯ୍ୟ କରିବାକୁ ପଡ଼ିବ । ଇଚ୍ଛା ଥିଲେ ଓ ଚେଷ୍ଟା କଲେ ଏହା ସହଜ ହେବ । ଘରେ ଘରେ ଆଜି ପଲିଥିନ୍ ବ୍ୟାଗ୍‌ରେ ବଜାରରୁ ସଉଦା, ମାଛ, ମାଂସ ଓ ଅନ୍ୟାନ୍ୟ ପଦାର୍ଥ ଆସୁଛି । ଆମେ ସହଜରେ ପଲିଥିନ୍ ଜାଗାରେ ଝୋଟ କିମ୍ବା ଅନ୍ୟ ଜୈବବିଘଟନୀୟ ପଦାର୍ଥରେ ଏହା ଆଣି ପାରିବା । ପ୍ଲାଷ୍ଟିକ୍ ହେଉଛି ପ୍ରକୃତି ସଂରକ୍ଷଣର ଏକ ବଡ଼ ବାଧକ । ମୃତ୍ତିକା କ୍ଷୟ ସହିତ ଏହା ଅନେକ ଜୀବର ମୃତ୍ୟୁର କାରଣ ହେଉଛି ।

ପ୍ରକୃତିରେ ବୃକ୍ଷଲତାକୁ ସଂରକ୍ଷଣ କରିବାକୁ ହେବ । ଅବଶ୍ୟ ଆମ ଆବଶ୍ୟକ ପାଇଁ ଆମେ ଜଙ୍ଗଲରୁ କିଛି କାଠ, ବାଉଁଶ କାଟିଥାଉ । କିନ୍ତୁ ଏହାର ପରିପୂରଣ ଦରକାର । ନିଜ ଘର ବାଡ଼ିରେ ଗଛ ଲଗାଇବା ଉଚିତ । ଜଳ ସଂରକ୍ଷଣ ହେଉଛି ପ୍ରକୃତି ସଂରକ୍ଷଣର ଏକ ଅଂଶ । ପୃଥିବୀର ଅର୍ଦ୍ଧାଧିକ ଲୋକ ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି ।

ଜୈବବିବିଧତା ପରିବେଶ ପାଇଁ ଜରୁରି । ପ୍ରତ୍ୟେକ ଜୀବ ଓ ବୃକ୍ଷର ପ୍ରକୃତି ପ୍ରତି ଅବଦାନ ଅଛି । ମନୁଷ୍ୟ ସମାଜ ଜୈବବିବିଧତା ଉପରେ ଅନେକାଂଶରେ ନିର୍ଭର କରିଥାଏ । ପରିସଂସ୍ଥାର କ୍ଷୟ ଆମ ପ୍ରତି ଅନେକ କ୍ଷତିକାରକ ହୋଇଥାଏ । ଆମେ ବ୍ୟବହାର କରୁଥିବା ପ୍ରତ୍ୟେକ ବସ୍ତୁର ଉତ୍ପତ୍ତିକୁ ଚିନ୍ତା କଲେ ଏହାର ବ୍ୟବହାରରେ ସଂଯମତା ଆସିବ । ଉଦାହରଣ ଭାବେ କାଗଜକୁ ନେବା । କାଗଜ ଜଙ୍ଗଲର କାଠ ଓ ବାଉଁଶରୁ ତିଆରି ହେଉଛି । ଏହା ଜାଣିଲେ ଆମେ କାଗଜକୁ ଠିକ୍ ଭାବେ ବ୍ୟବହାର କରି ପାରିବା । ସେହିପରି ଆମର ଖାଦ୍ୟ ଓ ପାନୀୟଜଳ କିପରି ଆମ ପାଖରେ ପହଞ୍ଚୁଛି, ତାହା ଚିନ୍ତା କଲେ ଆମେ ଏସବୁର ନଷ୍ଟ କରିପାରିବା ନାହିଁ ।

ପ୍ରକୃତି ସଂରକ୍ଷଣର ଅନ୍ୟ ଏକ ଉପାୟ ହେଉଛି ଶକ୍ତି ସଂରକ୍ଷଣ ଏବଂ ଅକ୍ଷୟ ଶକ୍ତି ବ୍ୟବହାର । ସୌରଶକ୍ତି, ପବନ ଶକ୍ତି ଭଳି ପରିଷ୍କାର ଶକ୍ତି ବାୟୁମଣ୍ଡଳକୁ ପ୍ରଦୂଷିତ କରି ନ ଥାଏ । ବର୍ତ୍ତମାନ ଆମର ଅଧିକାଂଶ ଭାଗ ଶକ୍ତି ତାପଜ ବିଦ୍ୟୁତ୍‌ରୁ ଆସୁଥିବାରୁ ଶକ୍ତି ସଂରକ୍ଷଣ ଦ୍ୱାରା ତାପଜ ବିଦ୍ୟୁତ୍‌ର ଉତ୍ପାଦନ ହ୍ରାସ ପାଇବ ଏବଂ ଏହା ପରିବେଶ ପ୍ରଦୂଷଣକୁ ହ୍ରାସ କରିବ ।

ପ୍ରତ୍ୟେକ ବ୍ୟକ୍ତି ପ୍ରକୃତିକୁ ସଂରକ୍ଷଣ କରିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବା ଉଚିତ । ସମାଜରେ ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଉଛି । ବାସ୍ତବରେ ପ୍ରକୃତି ସଂରକ୍ଷଣ ହେଉଛି ଏକ ସାମୂହିକ ପ୍ରଚେଷ୍ଟା । ଏଣୁ ଏହି ଦିବସରେ ସମସ୍ତେ ପ୍ରକୃତି ସଂରକ୍ଷଣ ପାଇଁ ସଂକଳ୍ପ କରିବା ସହିତ ଆମ ପରବର୍ତ୍ତୀ ପିଢ଼ି ପାଇଁ ପ୍ରକୃତିକୁ ସୁରକ୍ଷିତ ରଖିବା ଉଚିତ ହେବ । ପ୍ରକୃତି ହିଁ ଜୀବନ । ପ୍ରକୃତି ନ ରହିଲେ ପୃଥିବୀର ଜୀବନ ମଧ୍ୟ ସୁରକ୍ଷିତ ରହିବ ନାହିଁ । ଏହା ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ■

ସମ୍ପାଦକ, ସାଇନ୍‌ସ ହୋରିଜନ୍, ୭୦, ଲକ୍ଷ୍ମୀ ବିହାର, ଫେଜ -୧
ଭୁବନେଶ୍ୱର-୭୫୧୦୧୮, ମୋ: ୯୪୩୮୬୯୩୭୨୪

ପ୍ରକୃତି ସଂରକ୍ଷଣ ପାଇଁ ସଚେତନତା

ବୈଷ୍ଣବ ଚରଣ ଦାଶ

ପ୍ରକୃତି ଶବ୍ଦଟି ନିଷ୍ପନ୍ନ ହୋଇଛି 'ପ୍ର' ଉପସର୍ଗ 'କୃ' ଧାତୁ ଓ 'ତି' (ପ୍ର + କୃ+ ତି) କରଣ ଯୋଗରେ। ଈଶ୍ୱରଙ୍କ ସୃଷ୍ଟିରେ ନିର୍ମିତ ସ୍ୱତଃ ସୃଷ୍ଟ ବସ୍ତୁ ପ୍ରକୃତି ପଦବାଚ୍ୟ। ପୃଥିବୀର ସୁରକ୍ଷା ପାଇଁ ପ୍ରକୃତିର ସଂରକ୍ଷଣ ଜରୁରି। ଆମେ ଜାଣୁ ଯେ, ପ୍ରାକୃତିକ ଅସନ୍ତୁଳନ ଯୋଗୁ ଆମେ ବିଶ୍ୱ ତାପମାତ୍ରା ବୃଦ୍ଧି, ବିଭିନ୍ନ ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ଅନେକ ସମସ୍ୟାର ସମ୍ମୁଖୀନ ହେଉଛେ। ଏଣୁ ପରବର୍ତ୍ତୀ ପିଢ଼ି ପାଇଁ ଏହାକୁ ସଂରକ୍ଷଣ କରିବା ଆବଶ୍ୟକ। ପ୍ରକୃତିର ସଂରକ୍ଷଣ ସମସ୍ତଙ୍କ ପାଇଁ ଏକ ନୈତିକ କର୍ତ୍ତବ୍ୟ। ପ୍ରକୃତିର ସୁରକ୍ଷା କରି ପାରିଲେ ହିଁ ପ୍ରାଣୀ ଜଗତ ଏହି ପୃଥିବୀରେ ତିଷ୍ଠି ପାରିବ। ପ୍ରକୃତି ସହ ମାନବର ସମ୍ପର୍କ ଅତି ନିବିଡ଼। ଦିନଥିଲା ପ୍ରକୃତିର ନିନାଦ ମଣିଷ ହୃଦୟରେ ଏକ ନିର୍ମଳତାର ବୀଣା ଝଙ୍କାର ବାଦନ କରୁଥିଲା। ଈଶ୍ୱରଙ୍କ ସୃଷ୍ଟି ପ୍ରକୃତି ଚାରୁ ଚିତ୍ରମୟ। ଶ୍ୟାମଳ ଅରଣ୍ୟାନି, କଳକଳ ନିନାଦିତ ସ୍ୱଚ୍ଛ ଜଳରାଶି, ଆବ୍ରହ୍ମ କୀଟର ହୃଦୟରେ ମାଦକତା ଭରୁଥିବା ମନ୍ଦ ମନ୍ଦ ପବନ, ରୋଗକୁ ଭଲ କରୁଥିବା, ବୃକ୍ଷଲତା, ଚାରିପାଖରେ ଆନନ୍ଦ ପ୍ରଦାନ କରୁଥିବା ଜୀବଜନ୍ତୁ, ପକ୍ଷୀ ସମସ୍ତେ ଏହି ପ୍ରକୃତିର ଅନ୍ତର୍ଭୁକ୍ତ। ଏମାନଙ୍କ ସହ ମଣିଷର ପରିପୂରକ ସମ୍ବନ୍ଧ। ତେଣୁ ତ ପ୍ରକୃତି ମଣିଷର ପରମ ମିତ୍ର।

ପଞ୍ଚ ମହାଭୂତ

ପଞ୍ଚ ମହାଭୂତ ହିଁ ମୂଳ ପ୍ରକୃତି। କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ। ଏହି ପାଞ୍ଚୋଟି ଜିନିଷରୁ ସମଗ୍ର ସଂସାରର ସୃଷ୍ଟି, ସ୍ଥିତି ପୁଣି ବିଲୟ ହେଉଛି। ଏଗୁଡ଼ିକ ଯଦି ଠିକ୍ ଭାବେ କାର୍ଯ୍ୟ କରେ ତେବେ ଆମ ପ୍ରକୃତି ସୁନ୍ଦର ହୁଏ। କିନ୍ତୁ ଏକବିଂଶ ଶତାବ୍ଦୀରେ ଆମେ ଆଜି ଉପନୀତ ହୋଇଛେ। ଶିଳ୍ପ ବହୁଳ ସଭ୍ୟତା ବଳରେ ଆମେ ବଳୀୟାନ। ଆମେ ଆମର ସମସ୍ତ ଆବଶ୍ୟକତାକୁ ପୁରଣ କରିବାକୁ ଯାଇ ପ୍ରକୃତିକୁ ନଷ୍ଟ କରୁଛେ। ଯାହା ଆମ ପାଇଁ ବିପଦର କାରଣ ରୂପେ ଛିଡ଼ା ହୋଇଛି। ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ଏକ ଗ୍ରହ ଯେଉଁଠି ଜୀବଜଗତ ବଞ୍ଚି ରହିବା ପାଇଁ ପାଣି, ପବନ, ମାଟି ଓ ଜଳବାୟୁ ଅନୁକୂଳ ଅଟେ। ଏହା ସହ ସୌରଜଗତର ବିଭିନ୍ନ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସୁପ୍ରଭାବ ଉଦ୍ଭିଦ ଓ ଜୀବଜଗତ ଉପରେ ରହିଛି। ବାୟୁ ଶରୀର ମଧ୍ୟରେ ରସ, ରକ୍ତାଦି ଧାତୁକୁ ପ୍ରବାହିତ କରିଥାଏ। ଯଦି ବାୟୁ ସମ୍ୟତା ନ ରହେ ତେବେ ବାତ୍ୟା, ଘୂର୍ଣ୍ଣିଝଡ଼ ସୃଷ୍ଟି କରିବା ପରି ଶରୀରରେ ବାତ ପ୍ରକୋପଜନିତ ରୋଗ ସୃଷ୍ଟି ହୋଇଥାଏ। ସେହିପରି ରୌଦ୍ରତାପ ଅଧିକ ହେଲେ ଜ୍ୱଳନ ପ୍ରକୃତି ଯୋଗୁଁ ଚାରିଆଡ଼େ ଶୁଷ୍କ, ଲାଗିବା ସହ ପୃଥିବୀରେ ଜୀବଜଗତ ବଞ୍ଚିବା କଷ୍ଟକର ହୋଇପଡ଼େ। ସେହିପରି ମଣିଷ ଶରୀରରେ ବିଭିନ୍ନ ରୋଗମାନ- ଅମ୍ଳ, ଅଜୀର୍ଣ୍ଣ, ଜ୍ୱାଳା, ପାଟି ଶୁଷ୍କତା ଇତ୍ୟାଦି ଦେଖାଯାଏ। ପୃଥିବୀରେ ଜଳାଧିକ ହେଲେ ବନ୍ୟା ହୋଇ ଜୀବଜଗତ ପ୍ରଭାବିତ ହୋଇଥାଆନ୍ତି। ତେଣୁ 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ବୋଲି କୁହାଯାଇଥାଏ। ସେହିପରି ଶରୀରରେ ଜଳତତ୍ତ୍ୱ ଅଧିକ ହେଲେ କଫଜନିତ ରୋଗ, ଅଗ୍ନିମାନ୍ଦ୍ୟ, ଥଣ୍ଡାଜ୍ୱର, ଜଳୋଦରୀ, ଶରୀର ଭାରି ଲାଗିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ତେଣୁ ପ୍ରକୃତି ସନ୍ତୁଳନ ରହିଲେ ଯାଇ ଜୀବ ଜଗତ ତିଷ୍ଠିବ। ପ୍ରକୃତି ବିନା ଜୀବନ୍ତ ପୃଥିବୀର ପରିକଳ୍ପନା ନିତାନ୍ତ ହାସ୍ୟାସ୍ପଦ ମନେ ହୁଏ।

ଉଦ୍ଭିଦ ଜଗତର ସୁରକ୍ଷା

ଭାରତୀୟ ସଭ୍ୟତାର ପରିଚୟ ହେଉଛି ଜଙ୍ଗଲ। ଏହିଠାରୁ ହିଁ ମନୁଷ୍ୟ ସବୁ କିଛି ପାଇଛି। କ୍ଷୁଧା ନିବାରଣ ପାଇଁ ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରିଛି। ଜଙ୍ଗଲ ଜାତ ଦ୍ରବ୍ୟକୁ ନେଇ ଜୀବିକା ନିର୍ବାହ କରିଛି। ତଥାପି ନିର୍ବୋଧ ମଣିଷ ଆଜି ଆଧୁନିକତାର ଦ୍ୱାହି ଦେଇ ଜଙ୍ଗଲ ନଷ୍ଟ କରିବାରେ ବ୍ୟସ୍ତ। ଚାଷ ଜମି ପାଇଁ ଜଙ୍ଗଲ ପୋଡ଼ି, କଳକାରଖାନା ସ୍ଥାପନ ପାଇଁ ଜଙ୍ଗଲ ଧ୍ୱଂସ ତାର ନିତିଦିନିଆ କାର୍ଯ୍ୟ ହୋଇଯାଇଛି। ବ୍ୟାପକ ଜଙ୍ଗଲ କ୍ଷୟ ଫଳରେ ବର୍ଷାର ପରିମାଣ କମିବାରେ ଲାଗିଛି। ମୃତ୍ତିକା କ୍ଷୟ ବଢୁଛି। ତାପମାତ୍ରା ବୃଦ୍ଧି ପାଉଛି। ହିଂସ୍ର ଜୀବଜନ୍ତୁ ସହର ମୁହାଁ ହେଉଛନ୍ତି। ଆଜି ଆମେ ପ୍ରଳୟର ଦ୍ୱାରଦେଶରେ ଉପନୀତ।

ଯେଉଁ ଜଙ୍ଗଲ ଦିନେ ଆମ ପରିଚୟ ସାଜିଥିଲା, ତାହାର କ୍ଷୟ ଆମ ପାଇଁ ମହା ବିପଦ ସୃଷ୍ଟି କରୁଛି। ଆମେ ନିଜେ ଆମ ପାଦରେ କୁରାଢ଼ି ମାରିଛେ। ଏହାର ଫଳ ଆମକୁ ହିଁ ଭୋଗିବାକୁ ପଡ଼ିବ।

ପ୍ରକୃତିରେ ବୃକ୍ଷଲତାର ସ୍ଥାନ ସର୍ବାଗ୍ରରେ। ପରୋପକାର ପାଇଁ ବୃକ୍ଷର ସୃଷ୍ଟି। ପ୍ରାଣୀ ଜଗତ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ମୌଳିକ ଆବଶ୍ୟକତା ପୂରଣ କରିବାରେ ତା'ର ପ୍ରମୁଖ ଭୂମିକା ରହିଛି। ଚରକ ଓ ସୁଶ୍ରୁତଙ୍କ ମତରେ ପୃଥିବୀରେ ଏପରି କୌଣସି ଗଛ ନାହିଁ, ଯାହାର କି ଔଷଧୀୟ ଗୁଣ ନାହିଁ। କାହାର ଛାଲି ତ କାହାର ଚେର, ମୂଳ, କି ପତ୍ର ସବୁଥିରେ ଔଷଧୀୟ ଗୁଣ ଭରପୂର ହୋଇ ରହିଛି। କେବଳ ସେତିକି ନୁହେଁ ପୃଥିବୀକୁ ଜଳ ଅଭାବରୁ ରକ୍ଷା କରିବାକୁ ବର୍ଷା କରାଇବାରେ ବୃକ୍ଷର ଆବଶ୍ୟକ ହୋଇଥାଏ। ବୃକ୍ଷ ଅମ୍ଳଜାନ ଦିଏ। ମୃତ୍ତିକା କ୍ଷୟ ରୋକେ। ସର୍ବୋପରି ପଶୁପକ୍ଷୀଙ୍କୁ ଉତ୍ତମ ଆବଶ୍ୟକୀୟ ପରିସ୍ଥାନ ଯୋଗାଏ। ତେଣୁ ପ୍ରାଚୀନ କାଳରୁ ହିଁ ବୃକ୍ଷକୁ ମନୁଷ୍ୟ ପୂଜା କରି ଆସୁଛି। ବେଦରେ ମଧ୍ୟ ବନସ୍ପତିକୁ ପୂଜା କରିବାର ବିଧି ରହିଛି। ବୃକ୍ଷ ମୂଳେ ବସି କେତେ ମାନବ ମହାପୁରୁଷ ସିଦ୍ଧିପ୍ରାପ୍ତ ହୋଇଛନ୍ତି। ପୂର୍ବେ ରାଜା ମହାରାଜାମାନେ ବାଟୋଇମାନଙ୍କ ପାଇଁ ରାସ୍ତାକଡ଼ରେ ବିରାଟ ବିରାଟ ବର, ଅଶ୍ୱତ୍ଥ, ଆମ୍ବ, ପଣସ ଆଦି ଗଛ ଲଗାଇଥିଲେ। ତେବେ ଆଧୁନିକ ଯୁଗର ମାନବ ସ୍ୱେଚ୍ଛାଚାରୀ ହୋଇ ଅବାଧ ଗଛକଟାରେ ବ୍ୟସ୍ତ। ଫଳରେ ବିଶ୍ୱ ତାପନ ବୃଦ୍ଧି ପାଉଛି। ଜଳସ୍ତର କମିବାରେ ଲାଗିଛି। ଉନ୍ନତିର ଆଳ ଦେଖାଇ ପ୍ରତିଦିନ ହଜାର ହଜାର ଗଛ ବଳି ପଡ଼ୁଛି। ଯାହାର ପରିଣାମ ଆମକୁ ଭୋଗିବାକୁ ପଡୁଛି। ତେଣୁ ଏହି ଘୋର ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ବ୍ୟାପକ ବୃକ୍ଷରୋପଣ କରିବାକୁ ପଡ଼ିବ।

ଜୀବଜଗତ ପାଇଁ ସତର୍କଘଣ୍ଟି

ପ୍ରକୃତିର ଏକ ପ୍ରମୁଖ ଅଙ୍ଗ ହେଉଛନ୍ତି ଜୀବଜନ୍ତୁ। ଜଳଭାଗରେ କିଛି ଜୀବ ବାସ କରୁଥିବା ବେଳେ ସ୍ଥଳ ଭାଗରେ କିଛି ଜୀବ ବାସ କରନ୍ତି। ଏମାନଙ୍କ ମଧ୍ୟରେ ଖାଦ୍ୟ ଓ ଖାଦକର ଭାବ ରହିଲେ ମଧ୍ୟ ଏମାନେ ଜଗତର ଅଶେଷ କଲ୍ୟାଣ କରିଥାନ୍ତି। ପ୍ରକୃତିର ଏମାନେ ଅମୂଲ୍ୟ ସମ୍ପଦ। ଜୀବଜଗତର ସନ୍ତୁଳନ ରକ୍ଷା କରିବାରେ ଏମାନେ ସାହାଯ୍ୟ କରନ୍ତି। ପରିବେଶ ସଫା କରିବାରେ କେତେକ ଜୀବ ସାହାଯ୍ୟ କରିଥାନ୍ତି। କିନ୍ତୁ ସ୍ୱାର୍ଥପର ମନୁଷ୍ୟ ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ ଯାଇ କେତେକ ନିରୀହ ପଶୁପକ୍ଷୀଙ୍କୁ ମାରିଥାଏ। ତାଙ୍କର ବାସସ୍ଥାନକୁ ନଷ୍ଟ କରେ। ବନ୍ୟପ୍ରାଣୀମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି। ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ନିମନ୍ତେ କଳକାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି । ଏଥିସହ କୃଷିକାର୍ଯ୍ୟ ସମ୍ପାଦନ ସହିତ ଜଙ୍ଗଲ କାଟିବା ଫଳରେ ବନ୍ୟପ୍ରାଣୀମାନେ ବାସହରା ହୋଇଯାଇଛନ୍ତି। ବନ୍ୟପ୍ରାଣୀମାନେ ଏହି ଲୋଭପିପାସୁ ମଣିଷମାନଙ୍କ ପାଇଁ ବିଲୁପ୍ତ ହେବାରେ ଲାଗିଛନ୍ତି। ଡାଇନୋସର୍ ଭଳି କେତେକ ପ୍ରାଣୀ ଲୋପ ପାଇ ଯାଇଥିବା ବେଳେ କୃଷ୍ଣସାର ମୃଗ, ପାଟମୂଷା, ଅଲିଭ ରିଡ୍‌ଲେ କଇଁଛ, ଥଣ୍ଟିଆ କୁମ୍ଭୀର, ରଣାସାପ, ମାଟିଆ ଚିଲ, ଶାଗୁଣା, ଝିଙ୍କ, ବଜ୍ରକାପ୍ତା, ପରି ଜୀବମାନେ ଦୁର୍ଲ୍ଲଭ ତାଲିକା ଭୁକ୍ତ ହେଲେଣି। ଘରଚଟିଆର କିଚିରି ମିଚିରି ଶବ୍ଦ ଆଉ ଶୁଣିବାକୁ ମିଳୁନି କି ତାଳଗଛ ଅଭାବରୁ ବାଇ ଚଢ଼େଇର ବସା ଦେଖିବାକୁ ମିଳୁ ନାହିଁ। ତେବେ ଆଜି ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ଯେଉଁମାନେ ଜୈବ ବିବିଧତା ନଷ୍ଟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ସେମାନେ କ'ଣ ଏହାକୁ ସୁରକ୍ଷା ଦେବାରେ ସକ୍ଷମ ହୋଇପାରିବେ? ବେଦରେ ମଧ୍ୟ ଜୀବେ ଦୟା ଭାବ ପୋଷଣ କରିବାକୁ କୁହାଯାଇଛି। ମାନବ କାର୍ଯ୍ୟକଳାପ ଯୋଗୁଁ ବିଶ୍ୱ ବ୍ୟାପୀ ପକ୍ଷୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପକ୍ଷୀମାନେ ପରିବେଶଗତ ସ୍ୱାସ୍ଥ୍ୟର ଅବିଚ୍ଛେଦ୍ୟ ଅଂଶ। ପକ୍ଷୀ ବାସସ୍ଥାନକୁ ସୁରକ୍ଷା ଦେବା ପ୍ରାୟତଃ ଜଙ୍ଗଲ, ଆର୍ଦ୍ରଭୂମି ଏବଂ ଘାସଭୂମିକୁ ସଂରକ୍ଷଣ କରିବା ସହିତ ଜଡ଼ିତ - ଇକୋସିଷ୍ଟମ ଯାହା ଅଗଣିତ ଅନ୍ୟ ପ୍ରଜାତିକୁ ସମର୍ଥନ କରେ। କୀଟନାଶକ ବ୍ୟବହାର ହ୍ରାସ କରିବା କିମ୍ବା ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ପାଇଁ ପ୍ରୟାସ ପକ୍ଷୀଙ୍କୁ ଲାଭ ପହଞ୍ଚାଇବା ସହିତ ସାମଗ୍ରିକ ପରିବେଶଗତ ସ୍ୱାସ୍ଥ୍ୟକୁ ମଧ୍ୟ ଉନ୍ନତ କରିଥାଏ। ଏ ଦିଗରେ ସରକାର, ସଂରକ୍ଷଣ ସଂଗଠନ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କର ଭୂମିକା ରହିଛି।

ସଚେତନତା ସୃଷ୍ଟି ସ୍ୱତନ୍ତ୍ର ଦିବସ

ପ୍ରକୃତି ଓ ପରିବେଶର ସୁରକ୍ଷା ତଥା ସଂରକ୍ଷଣ, ପ୍ରତ୍ୟେକ ବ୍ୟକ୍ତି, ସଂଗଠନ ଓ ସରକାରଙ୍କ ଏକ କର୍ତ୍ତବ୍ୟ ଓ ଦାୟିତ୍ୱ। ଜନସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ପ୍ରାକୃତିକ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଣୁ ଜନସାଧାରଣଙ୍କ ମନରେ ସଚେତନତା ସୃଷ୍ଟି ପାଇଁ ଅନେକ ଦିବସ ପାଳନ କରାଯାଉଛି। ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ', ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ', ଜୁଲାଇ ମାସ ପ୍ରଥମ ସପ୍ତାହକୁ 'ବନମହୋତ୍ସବ ସପ୍ତାହ', ଜୁଲାଇ ୨୮ ତାରିଖକୁ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ', ଅକ୍ଟୋବର ପ୍ରଥମ ସପ୍ତାହକୁ 'ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ', ଡିସେମ୍ବର ୫ ତାରିଖକୁ 'ବିଶ୍ୱ ମୃତ୍ତିକା ଦିବସ' ଭାବେ ପାଳନ କରାଯାଉଛି। ଏହି ଦିନଗୁଡ଼ିକରେ ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ବିଭିନ୍ନ ପ୍ରବନ୍ଧ, ବକ୍ତୃତା, ଚିତ୍ର, ନାଟକ ପ୍ରତିଯୋଗିତା, କରାଯାଉଛି। ସାଇକେଲ ରାଲି, ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଉଛି।



ପ୍ରକୃତି ସୁରକ୍ଷା ପାଇଁ ପୁରସ୍କାର

ପ୍ରକୃତିର ସୁରକ୍ଷା ତଥା ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପୁରସ୍କାରର ପ୍ରଦାନ କରାଯାଉଛି। ପ୍ରତ୍ୟେକ ବ୍ଲକ୍‌ରୁ ଜଣେ ବ୍ୟକ୍ତିଙ୍କୁ ପ୍ରକୃତି ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ପ୍ରକୃତି ବନ୍ଧୁ' ପୁରସ୍କାର ସହ ଦଶ ହଜାର ଟଙ୍କା ଦିଆଯାଉଛି। ସେପରି ପ୍ରତି ବ୍ଲକ୍‌ର ଗୋଟିଏ ଅନୁଷ୍ଠାନକୁ 'ପ୍ରକୃତି ମିତ୍ର' ପୁରସ୍କାର ସହ କୋଡ଼ିଏ ହଜାର ଟଙ୍କା ଦିଆଯାଉଛି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ରାଜ୍ୟ ସ୍ତରରେ ଚାରି ଲକ୍ଷ ଟଙ୍କା ପୁରସ୍କାର ଦିଆଯାଉଛି ସେହିପରି ସବ୍‌ଡିଭିଜନସ୍ତରରେ ଜଣକୁ ପଚିଶି ହଜାର ଟଙ୍କା ଦିଆଯାଉଛି। ଏଭଳି ପୁରସ୍କାର ପ୍ରଦାନ ଫଳରେ ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଉତ୍ସାହିତ ହୋଇଛନ୍ତି। ଅତୀତରେ ଓଡ଼ିଶାବାସୀଙ୍କୁ ମହାବାତ୍ୟା, ଫାଇଲିନ, ହୁଡହୁଡ, ଫନି ଆଦି ବାତ୍ୟାର ସାମ୍ନା କରିବାକୁ ପଡ଼ିଛି। ତେଣୁ ପ୍ରକୃତିର ସଂରକ୍ଷଣ ଦିଗରେ ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି।

ଏକଦା ଯେଉଁ ଜମି ସୁବର୍ଣ୍ଣ ଫସଲରେ ହସି ଉଠୁଥିଲା, ଆଜି ସେଠି ଯନ୍ତ୍ର ସଭ୍ୟତାର ଇମାରତ। ପରିବେଶର ପାରିପାର୍ଶ୍ୱିକ ସ୍ଥିତି ଏବେ ସଂଜ୍ଞାହୀନ ହେବାକୁ ବସିଲାଣି। ପ୍ରକୃତିକୁ ନେଇ ଏ ସମାଜ। ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିବା କଷ୍ଟକର ହୋଇପଡ଼େ। ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ବିଷ। ଏକ ସୁସ୍ଥ ପରିବେଶ ଏକ ସ୍ଥିର ଏବଂ ଉତ୍ପାଦନକାରୀ ସମାଜର ମୂଳଦୁଆ। ତେବେ ଏସବୁଥିର ସମାଧାନ ମଣିଷ ଚାହିଁଲେ କରିପାରିବ। ସେ ହିଁ ସୃଷ୍ଟି କରିପାରିବ ପୁଣି ଥରେ ସବୁଜ ବନାନୀ। ପୁଣି ଥରେ ଗଢ଼ି ଉଠିବ ସବୁଜ ବାତାବରଣ। ଏଣୁ ପୃଥିବୀ ସମେତ ପାଣି, ପବନ, ଖଣିଜପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ହେବା ଦରକାର। ତା'ସହ ଏହାର ସଂରକ୍ଷଣ ଦ୍ୱାରା ଆଗାମୀ ପିଢ଼ି ସୁରକ୍ଷିତ ରହିବା ସହ ସେମାନେ ମଧ୍ୟ ଏ ଦିଗରେ ଯତ୍ନବାନ ହୋଇପାରିବେ। ■

'ପ୍ରକୃତି ବନ୍ଧୁ' ପୁରସ୍କାରପ୍ରାପ୍ତ ଶିକ୍ଷକ, ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ
ମୋ: ୯୭୭୬୫୩୪୯୩୦

ପ୍ରକୃତି ସଂରକ୍ଷଣ ଏକ ଆହ୍ୱାନ

ସତ୍-ଚିତ୍-ଆନନ୍ଦର ଅମୃତ ସମନ୍ୱୟ ହିଁ ପ୍ରକୃତି । ସକଳ ସୁଖର ଅନନ୍ତ ଅର୍ଣ୍ଣବ ହିଁ ପ୍ରକୃତି । ଚିର ପ୍ରବହମାନ ବନ୍ଧନର ପବିତ୍ର ବିଭବ ହିଁ ପ୍ରକୃତି । ସତ୍ୟ-ଶିବ-ସୁନ୍ଦରର ଦିବ୍ୟ ସଂଯୋଜନ ହିଁ ପ୍ରକୃତି । ଯା'ର ପ୍ରତିଟି କଣିକାରେ ରହିଛି ସ୍ୱର୍ଗୀୟ ସର୍ଜନାର ଅସୀମ ସମ୍ଭାବନା । ଯା'ର ପ୍ରତିଟି ସତ୍ତାରେ ରହିଛି ସକଳ କଳା, ସକଳ ପରିପାଟୀ, ସୂକ୍ଷ୍ମ ନିର୍ଦ୍ଦେଶନା । ଆମ ଯାବତୀୟ ଚିନ୍ତା ଓ ଚେତନାର ଆଧାର ହିଁ ପ୍ରକୃତି । ଅନାଦି କାଳରୁ ପ୍ରକୃତିର ନାନାବିଧ ମୌଳିକ ଉପାଦାନ ମଧ୍ୟରେ କ୍ରିୟା- ପ୍ରତିକ୍ରିୟା ସର୍ଜନାର ସବୁଜ ଭୂଇଁକୁ ଚିରନ୍ତନ କାନ୍ତିର ଅନୁପମ ଆଭାରେ କରିଛି ଚିରହରିତ ଓ ଚିରସ୍ରୋତା । ସେ ହିଁ ସ୍ରଷ୍ଟା, ସେ ହିଁ ସୃଷ୍ଟି । ସେ ହିଁ ଦ୍ରଷ୍ଟା, ସେ ହିଁ ଦୃଷ୍ଟି । ସେ ହିଁ କର୍ତ୍ତା, ସେ ହିଁ କର୍ତ୍ତ୍ରୀ । ସେ ହିଁ ଧାତା, ସେ ହିଁ ଧାତ୍ରୀ । ସେ ହିଁ ଦାତା, ସେ ହିଁ ଦାତ୍ରୀ । ସକଳ ସଂଜ୍ଞା ଓ ସକଳ ବର୍ଣ୍ଣନାର ଊର୍ଦ୍ଧ୍ୱରେ ବିଦ୍ୟମାନ ସେ ।

ଚନ୍ଦନ କୁମାର ଦାସ

ପ୍ରକୃତି ସୁରକ୍ଷା

ଭାରତୀୟ ସଂସ୍କୃତିରେ ସର୍ବଦା ପ୍ରକୃତି ଉପାସନା ଓ ପ୍ରକୃତି ଆରାଧନା ଏକ ମହନୀୟ ସ୍ଥାନ ଅଧିକାର କରିଛି । ଏହା ସହିତ ଏକ ଉଲ୍ଲେଖନୀୟ ପରଂପରା ରୂପେ ବିଶ୍ୱ ସଂସ୍କୃତି ମଞ୍ଚରେ ସ୍ୱକୀୟ ପରାକାଷ୍ଠା ପ୍ରଦର୍ଶନରେ ସକ୍ଷମ ହୋଇଛି । ଯାହା ପାଇଁ ଜୀବନ ଓ ଯାହା ପାଇଁ ଏ ଜଗତ, ସେ ହିଁ ଆଦିଦେବୀ ମାଆ ପ୍ରକୃତି । ଭାରତ ହେଉଛି ସାଧୁ, ସନ୍ନ୍ୟାସୀ, ତପସ୍ୱୀମାନଙ୍କର ଜ୍ଞାନ ତଥା ଦର୍ଶନର ଅନିନ୍ଦ୍ୟ ତପୋବନ । ଏହି ଜ୍ଞାନ ତଥା ଦର୍ଶନ ପ୍ରକୃତି କୈନ୍ଦ୍ରିକ ଅଟେ । ମହର୍ଷି କଣାଦ (କଶ୍ୟପ)ଙ୍କ ବୈଶେଷିକ ଦର୍ଶନ ଅନୁସାରେ ପ୍ରତ୍ୟେକ ଜୀବର ଶରୀର ପ୍ରକୃତିର ପାଞ୍ଚଟି ମୌଳିକ ଉପାଦାନରେ ଗଠିତ । କ୍ଷିତି (ମୃତ୍ତିକା), ଆପ (ଜଳ), ତେଜ (ଅଗ୍ନି), ବ୍ୟୋମ (ଆକାଶ), ମରୁତ (ବାୟୁ) - ଯାହା ପଞ୍ଚ ମହାଭୂତ ରୂପେ ପରିଚିତ । ଏହି ତତ୍ତ୍ୱ ସମୂହ ପରସ୍ପର ସହିତ ଓତପ୍ରୋତ ଭାବେ ଜଡ଼ିତ । ଯେଉଁ ପଞ୍ଚ ତତ୍ତ୍ୱରେ ଜୀବନ, ସେହି ପଞ୍ଚ ତତ୍ତ୍ୱ ଆଜି ସର୍ବାଧିକ ପ୍ରଦୂଷିତ । ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ପ୍ରଦୂଷଣର ପ୍ରମୁଖ କାରକ ହିଁ ମନୁଷ୍ୟ ସମାଜ ଅର୍ଥାତ୍ ଆମେ । ଭୌତିକ ସୁଖ ସ୍ୱାଚ୍ଛନ୍ଦ୍ୟର ଅଳିକ ସୁଖରେ ନିଜକୁ ନିମଜ୍ଜିତ ରଖି ମନୁଷ୍ୟ ଅନବରତ ଦୂରେଇ ଯାଉଛି ପ୍ରକୃତିର ପ୍ରକୃତ ସୁଖଠାରୁ, ପ୍ରକୃତିର ପବିତ୍ର ପରିବୃତ୍ତିଠାରୁ । ତଥାକଥିତ ବିକାଶ ନାଆଁରେ ମନୁଷ୍ୟ ପ୍ରକୃତି ତଥା ପ୍ରାକୃତିକ ପରିବୃତ୍ତି ଉପରେ ଅନବରତ କୁଠାରାଘାତ କରି ଚାଲିଛି । ଯାହା ଜୀବଜଗତର ଭବିଷ୍ୟତ ସ୍ଥିତିର ଧାରାବାହିକତା ପ୍ରତି କଦାଚିତ୍ ଶୁଭଙ୍କର ହୋଇ ନ ପାରେ ।

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ପ୍ରକୃତି ରକ୍ଷିଲେ ପ୍ରଳୟ। ଏହି ଆସନ୍ନ ପ୍ରଳୟର ଅପଦକାଳୀନ ଅଗ୍ନି ଦହନରୁ ରକ୍ଷା ପାଇବାକୁ ପ୍ରକୃତି ପ୍ରୀତି ହିଁ ଏକମାତ୍ର ଶସ୍ତ୍ର ଅଟେ । ଏଥିସକାଶେ ଆମ ଦେଶ ଭାରତ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ରୂପେ ପାଳନ କରି ଆସୁଛି । ପ୍ରକୃତି ପ୍ରେମର ଆଦିମ ଅନୁଭବକୁ ପୁନର୍ବାର ଜାଗ୍ରତ କରି ପ୍ରକୃତି ତଥା ପ୍ରାକୃତିକ ଉପାଦାନର ସୁରକ୍ଷା ଓ ସଂରକ୍ଷଣ ଏହି ମହନୀୟ ଦିବସର ଅସଲ ଉଦ୍ଦେଶ୍ୟ ।

ପ୍ରକୃତିରେ ଉପଲବ୍ଧ ବିଭିନ୍ନ ଜୈବିକ ତଥା ଅଜୈବିକ ଉପାଦାନର ସୁଷମ ବଣ୍ଟନ ତଥା ଏମାନଙ୍କ ମଧ୍ୟରେ ସୁଷମ ସମନ୍ୱୟ ଏହାର ଜୈବବିବିଧତାର ସୁରକ୍ଷାକୁ ସୁନିଶ୍ଚିତ କରିଥାଏ । ମାତ୍ର ପ୍ରଗତିର ଦ୍ୱାହିରେ ସମ୍ପ୍ରତି ପ୍ରକୃତି ଉପରେ ମନୁଷ୍ୟର ମାତ୍ରାଧିକ ହସ୍ତକ୍ଷେପ ଜୈବ ବିବିଧତାର ଅବକ୍ଷୟ କରିଚାଲିଛି । ଜିଭର ଲାଳସା ପାଇଁ ବନ୍ୟ ଜୀବଜନ୍ତୁଙ୍କୁ ଶୀକାର କରିବା, ପୁଣି ଶିଳ୍ପାୟନ ନାଁରେ ଜଙ୍ଗଲର ବ୍ୟାପକ କ୍ଷତି ସାଧନ ପରି ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ମନୁଷ୍ୟ ଜୈବବିବିଧତାକୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ପୃଥିବୀର ଜୈବ ବିବିଧତାର ଅବକ୍ଷୟର କାରଣ ମୁଖ୍ୟତଃ ଜଙ୍ଗଲ କ୍ଷୟ । ଜଙ୍ଗଲ ଯେ ଦିନେ ଆମର ଆଦ୍ୟ ବାସଭୂମି ଥିଲା ସେ କଥା ଆମେ ପାସୋରି ଦେଇଛୁ । ତଥ୍ୟ ଅନୁସାରେ ଭାରତ ଗତ ୩୦ ବର୍ଷ ମଧ୍ୟରେ ୬,୬୮,୪୦୦ ହେକ୍ଟର (୬,୬୮୪ ବର୍ଗ କି.ମି.) ଜଙ୍ଗଲ ହରାଇ ସାରିଲାଣି । ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଅଭାବରୁ ଭୂ-ତଳ ଜଳର ସ୍ତର କ୍ରମାଗତ ହ୍ରାସ ପାଉଛି । ଏହାର ଫଳସ୍ୱରୂପ ଆଜି ଅଧିକାଂଶ ସହର ଜଳସଂକଟର ବିଷମ ପରିସ୍ଥିତି ଦେଇ ଗତି କରୁଛି । ଭାରତର ରାଜଧାନୀ ଦିଲ୍ଲୀ ,ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ହାଇଦ୍ରାବାଦ ଭଳି ସହର ଏହାର ସଦ୍ୟତମ ଦୃଷ୍ଟାନ୍ତ ଅଟେ । ଜାତୀୟ ଜଙ୍ଗଲ ନୀତି (୧୯୮୮) ଅନୁଯାୟୀ ଭାରତର ମୋଟ ଭୂ-ଭାଗର ୩୩% ଜଙ୍ଗଲ ରହିଥିବା ବେଳେ ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ସର୍ବେକ୍ଷଣ (୨୦୨୧) ଅନୁଯାୟୀ ତାହାର ପରିମାଣ କମି ୨୧.୬୭%ରେ ପହଞ୍ଚିଛି; ଯାହାର ପାଖାପାଖି କ୍ଷେତ୍ରଫଳ ୯୫,୦୨୫ ବର୍ଗ କି.ମି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ଜୈବ ପରିବର୍ଦ୍ଧନ (Bio Magnification) । ଜୀବ ଶରୀରର ମୌଳିକ,ଗାଠନିକ ତଥା କ୍ରିୟାତ୍ମକ ଏକକ – 'କୋଷ'ରେ କ୍ରମାଗତ ଭାବେ ବିଭିନ୍ନ ବିଷାକ୍ତ ଦ୍ରବ୍ୟର ଅହେତୁକ ବୃଦ୍ଧି ହୋଇ ଚାଲିଛି । ମୃତ୍ତିକା, ଜଳ, ବାୟୁର ସମନ୍ୱିତ ପ୍ରଦୂଷଣର ପରିଣାମର ଫଳ ଏ ଜୈବ ପରିବର୍ଦ୍ଧନ । ମୃତ୍ତିକାର ଉର୍ବରତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ବିଭିନ୍ନ ଅଜୈବିକ କୃତ୍ରିମ ରାସାୟନିକ ସାରର ପ୍ରୟୋଗ ମୃତ୍ତିକାର ଉର୍ବରତା ପରିବର୍ତ୍ତେ ମୃତ୍ତିକା ସହିତ ଉଭୟ ଜଳ ଓ ବାୟୁର ପ୍ରଦୂଷଣରେ ସହଯୋଗ କରି ଜୈବ ପରିବର୍ଦ୍ଧନର ହାରକୁ ବଢ଼ାଇ ଚାଲିଛି; ଯାହା ଜୈବବିବିଧତା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି । ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ, ଏହି ଜୈବ ପରିବର୍ଦ୍ଧନ ଗୋଟିଏ ପିଢ଼ିରେ ସୀମିତ ନ ରହି ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସଞ୍ଚରଣ ହୋଇ ଚାଲିଛି । ଫଳ ସ୍ୱରୂପ ମନୁଷ୍ୟର ଆୟୁଷ ତଥା ଉଚ୍ଚତାକୁ ବହୁଳ ଭାବରେ ପ୍ରଭାବିତ କରିବା ସହିତ ଜୈବବିବିଧତାରୁ ଅନେକ ଅମୂଲ୍ୟ ଜୈବିକ ସମ୍ପଦକୁ ବିଲୁପ୍ତିର ଦ୍ୱାର ଦେଶକୁ ଠେଲିଦେଇଛି । ବିକାଶ ପାଇଁ ବିଶ୍ୱାସ ଏକାନ୍ତ ଲୋଡ଼ା । ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ଉପରେ ଏତାଦୃଶ ବିଶ୍ୱାସ ଉପର ବର୍ଣ୍ଣିତ ଜଟିଳ ସମସ୍ୟାରୁ କୋଉଠି ନା କୋଉଠି ଆମକୁ ଧୀରେ ଧୀରେ ମୁକୁଳାଇବାରେ ନିଶ୍ଚୟ ସହାୟକ ହୋଇ ପାରିବ ।

ଆବର୍ଜନା ପରିଚାଳନା ଆହ୍ୱାନ

ଅନ୍ୟ ଏକ ଆହ୍ୱାନ ହେଉଛି ଆବର୍ଜନାର ପରିଚାଳନା। ଆବର୍ଜନାର ସଠିକ୍ ପରିଚାଳନାର ଅଭାବ ପ୍ରକୃତିକୁ ସୁରକ୍ଷା ଦେବା ପରିବର୍ତ୍ତେ ତାକୁ ଅଣନିଃଶ୍ୱାସୀ କରି ପକାଇଲାଣି। ବିଶେଷ କରି ସହରାଞ୍ଚଳ ପାଇଁ ଏହା ଏକ ବିଷମ ସମସ୍ୟା ରୂପେ ଦଣ୍ଡାୟମାନ। ଏକ ତଥ୍ୟ ଅନୁସାରେ ପୃଥିବୀର ଉଭୟ ଜଳ ଓ ସ୍ଥଳଭାଗରେ ଗଚ୍ଛିତ ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ଆବର୍ଜନାରେ ପୃଥିବୀ ଆକାର ପରି ତିନୋଟି ପୃଥିବୀ ତିଆରି ହୋଇଯିବ। ଏଇଥିରୁ ସ୍ପଷ୍ଟଭାବେ ଅନୁମେୟ ଆବର୍ଜନାର ନିଷ୍କାସନ ଓ ପରିଚାଳନା ପ୍ରକୃତି ସଂରକ୍ଷଣ ପାଇଁ କେତେ ବଡ଼ ବିପଦ। ଏଥିମଧ୍ୟରୁ ପ୍ଲାଷ୍ଟିକ ଜନିତ ଆବର୍ଜନାର ପରିମାଣ ସର୍ବାଧିକ। ଏଣୁ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ହେବା ବାଞ୍ଛନୀୟ। ପ୍ଲାଷ୍ଟିକର ବିଭିନ୍ନ ସୂକ୍ଷ୍ମ ତଥା ସ୍ଥୂଳ କଣିକା ସଂସ୍ପର୍ଶରେ ଆସି ପ୍ରତି ବର୍ଷ ଶହ ଶହ ଜୀବ ଜନ୍ତୁ ଅକାରଣରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେ ପ୍ରତିଦିନ ପ୍ଲାଷ୍ଟିକ ବ୍ୟବହାର କରି ଅଜାଣତରେ ପ୍ଲାଷ୍ଟିକର ଲକ୍ଷାଧିକ କଣିକା ଆହରଣ କରୁଛୁ। ଯାହା ବିଭିନ୍ନ ହୃତପିଣ୍ଡ ତଥା ବୃକକ ଜନିତ ରୋଗର ମୁଖ୍ୟ କାରକ ଅଟେ। ଜାତୀୟ ସ୍ୱାସ୍ଥ୍ୟ ସଂସ୍ଥାନର ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ଲାଷ୍ଟିକ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ପାଖାପାଖି ୩,୫୦,୦୦୦। ଏହି ପରିସଂଖ୍ୟାନ ଲବ୍ଧ ତଥ୍ୟ ଖାଲି ମନୁଷ୍ୟ ଜାତି ପାଇଁ ନୁହେଁ, ସମଗ୍ର ଜୀବଜଗତ ପାଇଁ ଖୁବ୍ ସମ୍ବେଦନଶୀଳ ତଥା ଉଦବେଗଜନକ।

ଦିନଥିଲା ଆମେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ସମୟରେ ଆମ ଶିକ୍ଷକ ଆମକୁ ରଚନା ରୂପେ ଲେଖି ଆଣିବାକୁ କହୁଥିଲେ 'ଆମ ଗାଁ ବରଗଛ'। ଗାଁ ବରଗଛ ଥିଲା ଅସୁମାରୀ ଜୀବଜନ୍ତୁଙ୍କ ନିମନ୍ତେ ଏକ ସୁରକ୍ଷିତ ବାସସ୍ଥଳୀ। ନା' ଅଛି ବାସ ନା' ଅଛି ସେହି ଅସଂଖ୍ୟ ଜୀବଜନ୍ତୁଙ୍କ ସାମଗ୍ରିକ ସ୍ୱରର ଅମୃତ ଗୁଞ୍ଜନ। ବର୍ତ୍ତମାନ ଏହା କେବଳ ଏକ ସୁଖଦ ସ୍ମୃତି ହିସାବରେ ମନର ଗୋଟିଏ କୋଳରେ ପରିସୀମିତ ହୋଇ ରହିଯାଇଛି। ପ୍ରକୃତିରୁ ଉଭେଇ ଯାଇଛନ୍ତି ଘରଚଟିଆ, ବାଇଚଢ଼େଇ, ବାଦୁଡ଼ି, ଶାଗୁଣା ପରି ଅନେକ ଗୁଡ଼ିଏ ପକ୍ଷୀ, ଏଥି ସହିତ ଆମ ଜୈବବିବିଧତାରୁ ଅନେକ ମୂଲ୍ୟବାନ ପଶୁ ଯଥା-ଏକ ଶିଙ୍ଘୀ ଗଣ୍ଡା, ଚିତା, ବଣୁଆ ବିଲେଇ, ଶାଳିଆ ପତନି ଇତ୍ୟାଦି ଓ ବୃକ୍ଷ ରାଜି ଯଥା-ପାତାଳ ଗରୁଡ, କମଣ୍ଡଳୁ, ରକ୍ତ ଚନ୍ଦନ ଅଚିରେ ଉଭେଇ ଗଲେଣି। ପ୍ରକୃତିରୁ ନିରନ୍ତର କମିଚାଲିଛି ବିଭିନ୍ନ ଉପଯୋଗୀ ଜୈବିକ ଉପାଦାନର ସଂଖ୍ୟା। କେବଳ ବଢ଼ି ଚାଲିଛି ରେଡ୍ ଡାଟା ବୁକ୍‌ର ପୃଷ୍ଠା ସଂଖ୍ୟା।

ପ୍ରକୃତି ସଂରକ୍ଷଣ ଦାୟିତ୍ୱ

ପ୍ରାକୃତିକ ସମ୍ପଦ ଉପରେ କେବଳ ସମସ୍ତଙ୍କର ସମାନ ଅଧିକାର ନାହିଁ, ଏହାର ସଂରକ୍ଷଣ ପାଇଁ ସମାନ ଭାବରେ ସମସ୍ତଙ୍କର ଦାୟିତ୍ୱ ମଧ୍ୟ ରହିଛି। ଏଣୁ ଆମର ସାମ୍ପ୍ରତିକ ବିକାଶଧାରା ପରିପୋଷଣୀୟ ବିକାଶ (Sustainable Development) ଉପରେ ପର୍ଯ୍ୟବସିତ ହେବା ଏକାନ୍ତ ଅପରିହାର୍ଯ୍ୟ। ବିକାଶ କେବଳ ମନୁଷ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ନ ରଖି ପ୍ରାକୃତିକ ପରିସଂସ୍ଥା, ପ୍ରାକୃତିକ ସମ୍ବଳର ସୁରକ୍ଷାକୁ ମଧ୍ୟ ଦୃଷ୍ଟି ଦେବା ବିଧେୟ। ଏପରି ବିକାଶକୁ ଆମେ ପରିପୋଷଣୀୟ ବିକାଶ ବୋଲି କହୁ। ଅଧୁନା ପୃଥିବୀରେ ବାସ କରୁଥିବା ମନୁଷ୍ୟ ସମାଜ ପ୍ରାକୃତିକ ସମ୍ପଦକୁ ଏପରି ଭାବରେ ବ୍ୟବହାର କରିବା ଉଚିତ୍ ଯେପରି ଆଗାମୀ ପିଢ଼ିର ମଣିଷ ଏକ ଅନୁପମ ପ୍ରାକୃତିକ ପରିବେଶରେ ସୁସ୍ଥ ଓ ସମର୍ଥ ଜୀବନ ବିତାଇ ପାରିବ। ଏ କଥାକୁ ମନେ ରଖିବାକୁ ହେବ ଯେ ଗୋଟିଏ ସଭ୍ୟତାର ବିକାଶ ତା'ର ଉତ୍କୃଷ୍ଟ ପ୍ରାକୃତିକ ପରିବେଶ ଉପରେ ନିର୍ଭରଶୀଳ।

ବିଭିନ୍ନ ପରିବେଶ ସମ୍ପର୍କିତ ସମସ୍ୟା ପ୍ରାକୃତିକ ସମ୍ପଦର ଅପବ୍ୟବହାର ଓ ଅବକ୍ଷୟ ଯୋଗୁଁ ହୋଇଥାଏ। ଏଣୁ ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। ବିଭିନ୍ନ ସମୟରେ ସରକାରୀ ସ୍ତରରେ ମାଳ ମାଳ ଯୋଜନା ଓ ଆଇନ ପ୍ରଣୟନ ହେଉଥିଲେ ମଧ୍ୟ ଉପଯୁକ୍ତ ମନୋଭାବ ଓ ସଦିଚ୍ଛାର ଅଭାବରେ ତାହା କେବଳ ଆଇନ ମଧ୍ୟରେ ସୀମିତ ହୋଇ ରହିଯାଉଛି। ଜଙ୍ଗଲ ଓ ବନ୍ୟଜୀବର ସୁରକ୍ଷା ପାଇଁ ଆମ ଦେଶରେ ୧୯୨୭ ମସିହାରେ ଜଙ୍ଗଲ ଆଇନ (Forest Act), ୧୯୮୮ରେ ଜାତୀୟ ଜଙ୍ଗଲ ନୀତି (National Forest Policy), ଜୈବବିବିଧତାର ସୁରକ୍ଷା ପାଇଁ ୨୦୦୭ ମସିହାର ଜାତୀୟ ଜୈବ ବିବିଧତା ଆଇନ (National Biodiversity Act) ପ୍ରଣୟନ ହୋଇଛି ସତ, ହେଲେ ଏ ଗୁଡ଼ିକର କାର୍ଯ୍ୟକାରିତା ଉପରେ ସରକାରଙ୍କୁ ସହୃଦୟ ଦୃଷ୍ଟି ଦେବାକୁ ପଡ଼ିବ।

ପୃଥିବୀର ପ୍ରାକୃତିକ ପରିବେଶର ଏପରି ଦୁଃସ୍ଥିତି ପଛରେ ଅନେକଗୁଡ଼ିଏ କାରଣ ମଧ୍ୟରୁ ଅନ୍ୟତମ କାରଣ ହେଉଛି ମନୁଷ୍ୟ ତା'ର ଆବଶ୍ୟକତାଠାରୁ ଖୁବ୍ ଅଧିକ ଆହରଣ କରିବା। ମନେପଡ଼େ ଗାନ୍ଧିଜୀଙ୍କ ଏକ ଉକ୍ତି – "ମୁଁ ମୋ ନିଜକୁ ଶୂନ୍ୟ ଆବଶ୍ୟତାକୁ କମାଇ ଆଣିପାରିବି"। ସେଥିପାଇଁ ପରା ସେ ଖୁବ୍ ସୀମିତ ସମ୍ବଳର ବ୍ୟବହାର କରୁଥିଲେ। ଏଣୁ ଆମକୁ ମଧ୍ୟ ଆମ ଲୋଭର ସମ୍ବରଣ କରିବାକୁ ପଡ଼ିବ। ପ୍ରକୃତି ଯାହା ଅର୍ପଣ କରିଛି, ସେଥିରେ ହିଁ ଆତ୍ମସନ୍ତୋଷ ଲଭିବାକୁ ହେବ; ତାହେଲେ ଆମେ ପ୍ରକୃତିର ଉପଯୁକ୍ତ ସଂରକ୍ଷଣ ତଥା ସୁରକ୍ଷା କରିପାରିବୁ। ଗୋଟିଏ ଉତ୍ତରଦାୟୀ ପିଢ଼ି ହିସାବରେ ଆମେ ଆମର ପରବର୍ତ୍ତୀ ପିଢ଼ିକୁ ଯଦି କିଛି ଗୋଟିଏ ସର୍ବୋତ୍କୃଷ୍ଟ ଉପହାର ଦେବାର ଥାଏ, ତେବେ ଦେଇପାରିବା ଏକ ସରସ ସୁନ୍ଦର ପୃଥିବୀ, ଏକ ସରସ ସୁନ୍ଦର ପ୍ରକୃତି। ଯେଉଁଠି ସେମାନେ ଉନ୍ମୁକ୍ତ ମନରେ ଟିକିଏ ହସି ପାରିବେ। ଏକ ସୁନ୍ଦର ପ୍ରକୃତି ପ୍ରାଣଭରା ହସଟିଏ ହୋଇ ପୁଣି ଥରେ ଉକୁଟି ଉଠିବ ତାଙ୍କର ପ୍ରତିଟି କଅଁଳ ଓଠରେ। ଆମେ ଯଦି ସତରେ ପ୍ରକୃତିକୁ ଈଶ୍ୱର ବୋଲି ମାନୁଥାଉ, ଏହାର ସଂରକ୍ଷଣ ଆମ ପାଇଁ ହେବ ଏହାର ଶ୍ରେଷ୍ଠ ଆରାଧନା, ଶ୍ରେଷ୍ଠ ଉପାସନା। ଆମର ବିନ୍ଦୁଏ ସଦିଚ୍ଛା ସିନ୍ଧୁଏ ସମର୍ପଣ ହେଉ। ଏଇ ପ୍ରତ୍ୟାଶାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଲେଖିଦେଉ ବନ୍ଧନର ନୂଆ ଏକ ଇତିହାସ, ଯୋଡ଼ି ଦେଉ ସମ୍ପର୍କର ସବୁଜ ବିଶ୍ୱାସ। ■

ଭୋଗରାଇ, ବାଲେଶ୍ୱର
ମୋ: ୮୯୯୪୩୪୫୯୮୮

ଉତ୍ତପ୍ତ ପରିବେଶ, ଉଦାସ ପୃଥିବୀ

ନିକୁଞ୍ଜ ବିହାରୀ ସାହୁ

ଦିନ ଥିଲା ପ୍ରକୃତି ମନୁଷ୍ୟ ପାଇଁ ଥିଲା ସବୁ କିଛି । ପ୍ରକୃତି ତା'କୁ ଯୋଗାଇ ଥିଲା ରହିବା ପାଇଁ ବାସଗୃହ, ଭୋଜନ ପାଇଁ ଶସ୍ୟ, ପିଇବା ପାଇଁ ନଦୀର ଜଳ ଏବଂ ବିହଙ୍ଗର ସଙ୍ଗୀତରେ ବଞ୍ଚିବାର ରାହା । ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି । ମନୁଷ୍ୟର ହସ୍ତକ୍ଷେପ ଯୋଗୁଁ ପ୍ରକୃତି ପାଲଟି ଯାଇଛି କଠୋର ଓ ନିଷ୍ଠୁର । ଏହା ବିଶ୍ୱସାରା ଲୋକଙ୍କ ଜୀବନ ଓ ଜୀବିକାକୁ ଗୁରୁତର ପ୍ରଭାବିତ କରିଛି । ଏହା ନିମ୍ନୋକ୍ତ କେତୋଟି ଉଦାହରଣରୁ ସ୍ପଷ୍ଟ ବୁଝା ପଡ଼େ ।

ବିପଦରେ ଜୀବଜଗତ

ମାଲଡିଭିସ୍ ଦେଶର ଲୋକଙ୍କୁ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ନିଜର ଭିଟାମାଟି ଛାଡ଼ି ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ପଡୁଛି; ନିଜେର୍ ନଦୀର ଜଳରୁ ମାଛମାନେ ବିଲୁପ୍ତ ହୋଇ ଯିବାରୁ ମତ୍ସ୍ୟଜୀବୀମାନଙ୍କର ଜାଲ ଆଉ ମାଛରେ ଭରୁ ନାହିଁ ତଥା ବନ୍ୟା ଓ ବାତ୍ୟାରେ ବିଧ୍ୱସ୍ତ ବଙ୍ଗଳାଦେଶରେ ସ୍ତ୍ରୀଲୋକମାନଙ୍କୁ ପାନୀୟ ଜଳ ସଂଗ୍ରହ ନିମନ୍ତେ ମାଇଲ୍ ମାଇଲ୍ ବାଟ ପାଦରେ ଚାଲିଚାଲି ଯିବାକୁ ପଡୁଛି । ଏପରିକି ଜୀବଜନ୍ତୁମାନେ ମଧ୍ୟ ଏହି କ୍ରୁର ବଳୟରୁ ମୁକ୍ତ ନୁହନ୍ତି । ଉତ୍ତର ମେରୁରେ ବରଫ ବିଗଳନ କାରଣରୁ ମେରୁ ଭାଲୁକୁ ସ୍ଥଳଭାଗରେ ବିଚରଣ ପାଇଁ ଚଟାଣ ମିଳୁନାହିଁ; ଭାରତର ସୁନ୍ଦରବନର ହେନ୍ତାଳ ଅରଣ୍ୟର ଅବକ୍ଷୟ ଯୋଗୁଁ ମହାବଳ ବାଘ ମଧ୍ୟ ବିଲୁପ୍ତିର ଦ୍ୱାରଦେଶରେ । ଉତ୍ତର ଆଟଲାଣ୍ଟିକ ମାହାସାଗରର ତିମି ମାଛ ନିଜର ଚିରାଚରିତ ଖାଦ୍ୟ ପ୍ଲାଙ୍କଟନ୍ ଅଭାବରୁ ଏବେ ସଙ୍କଟାପନ୍ନ । ସେଭଳି ଇଣ୍ଡୋନେସିଆରେ ଜଙ୍ଗଲନିଆଁ ଯୋଗୁଁ ଉରାଙ୍ଗ ଉଟାଙ୍ଗ ବାନରାକାୟ ଜୀବର ସ୍ଥିତି ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି।

ତେବେ ପ୍ରଶ୍ନ ଉଠେ, ଏବେ ପ୍ରକୃତିର ଏଭଳି ବିପୁଳ ଅଧୋଗତି କାହିଁକି ? ଏହା କେବଳ ଆମ ରାଜ୍ୟ କିମ୍ବା ଦେଶର ସମସ୍ୟା ନୁହେଁ, ବରଂ ଏକ ବୈଶ୍ୱିକ ସଙ୍କଟ । ଏହା ପାଇଁ ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ , ସମୁଦ୍ର ପତ୍ତନ ବୃଦ୍ଧି ଭଳି କିଛି ମନୁଷ୍ୟକୃତ କାରଣକୁ ଦାୟୀ କରାଯାଉଛି ।

ବିଶ୍ୱ ତାପନ ଓ ଉତ୍ତପ୍ତ ଗ୍ରୀଷ୍ମ ଋତୁ

ବିଶ୍ୱ ତାପନ ଅର୍ଥାତ ବୈଶ୍ୱିକ ତାପମାତ୍ରା ବୃଦ୍ଧି ଚଳିତ ଶତାବ୍ଦୀର ସବୁଠାରୁ ବଡ଼ ପରିବେଶୀୟ ସଙ୍କଟ ରୂପେ ମୁଣ୍ଡ ଟେକିଛି । ଆଇପିସିସିର ଏକ ରିପୋର୍ଟ ଅନୁଯାୟୀ ଆମର ଗ୍ରହ ବିଗତ ଶତାବ୍ଦୀରେ ୦.୬ % ଅଧିକ ଉତ୍ତପ୍ତ ହୋଇଛି ଏବଂ ଆଗାମୀ ୨୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ତାପମାତ୍ରା ୨.୪ ରୁ ୪.୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହାର ପ୍ରଭାବରେ ଗତ ବର୍ଷ ଗ୍ରୀଷ୍ମ ଋତୁରେ ବିଶ୍ୱସାରା ଜାପାନ୍‌ରୁ ଆରମ୍ଭ କରି ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଦକ୍ଷିଣ ୟୁରୋପ୍ ଏବଂ ଉତ୍ତର ଆଫ୍ରିକାରେ ତାପମାତ୍ରା ସମସ୍ତ ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲାବେଳେ ଇଟାଲିର କେତେକ ସ୍ଥାନରେ ତାପମାତ୍ରା ୪୭ ଡିଗ୍ରୀ ସେଲସିୟସ୍ ସୀମାରେ ପହଞ୍ଚିଥିଲା ।

ବିଗତ ୨୦୦୩ ମସିହାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ସମୁଦାୟ ୩୫,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲାବେଳେ ଏକାକୀ ଫ୍ରାନ୍ସରେ ୧୫,୦୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା । ଆମ ଦେଶରେ ବିଶ୍ୱ ତାପନ ପ୍ରଭାବ ଯୋଗୁଁ କୃଷି, ଜଙ୍ଗଲ, ମତ୍ସ୍ୟଚାଷ ଭଳି ଜଳବାୟୁ ସ୍ପର୍ଶକାତର କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୭୦ କୋଟି ଲୋକ ସିଧାସଳଖ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଏ । ବିଶ୍ୱ ତାପନର ଏକ ସଦ୍ୟତମ ଉଦାହରଣ ହେଉଛି, ଗତ ବର୍ଷ ଦୁବାଇରେ ଘଟିଥିବା ନାହିଁ ନ ଥିବା ବନ୍ୟା । ଦୁବାଇ ଚିରାଚରିତ ଭାବେ ସ୍ୱଳ୍ପ ବୃଷ୍ଟିପାତ ତଥା ଶୁଷ୍କ ମରୁ ଜଳବାୟୁ ନିମନ୍ତେ ଜଣାଶୁଣା । ମାତ୍ର ଏଠାରେ ପ୍ରବଳ ବୃଷ୍ଟିପାତ ଘଟି ଜଳ ନିଷ୍କାସନ ଅଭାବରୁ ସହରର ଭିତ୍ତିଭୂମି ବ୍ୟବସ୍ଥା ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା । କିଛି ଲୋକଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ଏହା ଛଡ଼ା, ଗରମ ସମ୍ବନ୍ଧୀୟ ପାଣିପାଗ ଘଟଣାଗୁଡ଼ିକ ବିଶ୍ୱର ଜଳଯୋଗାଣ ଏବଂ ପଶୁମାନଙ୍କ ଚାରଣଭୂମିର ସଂପ୍ରସାରଣକୁ ମଧ୍ୟ ବାଧାପ୍ରାପ୍ତ କରିଛି, ଯାହା ଫଳରେ ଫସଲ ଉତ୍ପାଦନ ତଥା ପଶୁପାଳନ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି । ଅତ୍ୟଧିକ ଗରମ ଓ ତାପ ଲହରୀ ଯୋଗୁଁ ପଦାରେ କାମଦାମ କରିବା ମଧ୍ୟ କଷ୍ଟକର ହୋଇଛି, ଯାହା ଫଳରେ ବ୍ୟକ୍ତି ଓ ସମାଜର ଉତ୍ପାଦନଶୀଳତା ହ୍ରାସ ଘଟିଛି ।

ଜଳବାୟୁ ପରିବର୍ତ୍ତନ

ପ୍ରକୃତିର ଏହି କ୍ରୂର ମନୋଭାବ ବୈଶ୍ୱିକ ପାଣିପାଗ ଓ ଜଳବାୟୁ ବ୍ୟବସ୍ଥାରେ ଘୋର ପରିବର୍ତ୍ତନ ଆଣି ଦେଇଛି ଯାହାର ପରିଣାମ ସବୁ ଏବେ ପରିଲକ୍ଷିତ ହେଲାଣି । ହିମବାହ ସବୁରେ ବରଫ ବିଗଳନ ଏବଂ ତଜ୍ଜନିତ ସମୁଦ୍ର ପତ୍ତନର ବୃଦ୍ଧି, ଅନିୟମିତ ବୃଷ୍ଟିପାତ, ଛନ୍ଦହରା ମୌସୁମୀ, ଦାରୁଣ ଗ୍ରୀଷ୍ମପ୍ରବାହ ତଥା କ୍ରାନ୍ତିମଣ୍ଡଳୀୟ ଘୂର୍ଣ୍ଣିଝଡ଼ର ସଂଖ୍ୟା ବୃଦ୍ଧି ଭଳି ଚରମ ପାଣିପାଗ ଅବସ୍ଥାର ପ୍ରବଳତା, କୃଷି ଉତ୍ପାଦନର ପରିମାଣ ହ୍ରାସ ଏବଂ ଡେଙ୍ଗୁ ମେଲେରିଆ ଭଳି ବାହକ ଜନିତ ସଂକ୍ରାମକ ରୋଗର ସଂଖ୍ୟା ବୃଦ୍ଧି ଆଦି ଘଟଣା ଏହାର କିଛି ଦୃଶ୍ୟମାନ ପରିଣାମ ।

ଭାରତୀୟ କୃଷିର ମୂଳାଧାର ମୌସୁମୀ ବାୟୁପ୍ରବାହ ଅଜି ଅନିୟମିତ ଓ ଛନ୍ଦହରା । ସ୍ୱଳ୍ପ ଓ ଅନିୟମିତ ବୃଷ୍ଟିପାତ ହେତୁ ଭାରତୀୟ କୃଷି ଗୁରୁତର ବାଧାପ୍ରାପ୍ତ ହୋଇଛି । କୃଷକମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି । ବିଶ୍ୱର ପାଣିପାଗ ଧାରା ବଦଳି ଯାଇ ଅଧିକାଂଶ ସ୍ଥାନରେ ମୃଦୁ ତାପମାତ୍ରା ପରିବର୍ତ୍ତେ ଚରମ ପାଣିପାଗ ଘଟଣାବଳୀ ପରିଲକ୍ଷିତ ହେଉଛି । ଉଷ୍ଣ ସମୁଦ୍ର ଜଳର ପ୍ରଭାବରେ ଘୂର୍ଣ୍ଣିବାତ୍ୟା, ଟାଇଫୁନ୍, ହରିକେନ୍ ଭଳି କ୍ରାନ୍ତିମଣ୍ଡଳୀୟ ଝଡ଼ର ସଂଖ୍ୟା ଓ ତୀବ୍ରତା ବୃଦ୍ଧି ପାଇଛି। ବିଶ୍ୱ ପାଣିପାଗ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା 'ଏଲ୍‌ନିନୋ' ଆଜି ବିଶୃଙ୍ଖଳିତ । ଜଳବାୟୁ ପରିବର୍ତ୍ତନ ଫଳରେ ବିଶ୍ୱସାରା ଜଳର ଉପଲବ୍ଧତାରେ ଘୋର ଅନିୟମିତତା ପରିଲକ୍ଷିତ ହେଉଛି । ଏହାଦ୍ୱାରା ବିଶ୍ୱର ବହୁ ଅଞ୍ଚଳରେ ପାନୀୟ ଓ କୃଷି କାର୍ଯ୍ୟ ପାଇଁ ଜଳର ଘୋର ଅଭାବ ଦେଖା ଦେଇଛି । ବିଶ୍ୱର ଅନେକ ଦେଶରେ ମରୁଡ଼ିର ପ୍ରାଦୁର୍ଭାବ ବଢ଼ିଛି ତଥା ମରୁଭୂମିର ବିସ୍ତାରକରଣ ଘଟିଛି ।

ଜଳବାୟୁ ପରିବର୍ତ୍ତନ ସ୍ଥଳଭାଗ ଏବଂ ସମୁଦ୍ରରେ ଜୀବ ପ୍ରଜାତିମାନଙ୍କ ବଞ୍ଚିବା ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଜୀବ ବିଲୁପ୍ତି ପ୍ରକ୍ରିୟା ତ୍ୱରାନିତ ହୋଇଛି ଏବଂ ମାନବ ଇତିହାସର ଅନ୍ୟ ଯେକୌଣସି ସମୟ ତୁଳନାରେ ଏବେ ଜୀବ ପ୍ରଜାତି ୧୦୦୦ ଗୁଣ ଅଧିକ ହାରରେ ଲୋପ ପାଉଛନ୍ତି । ଆଗାମୀ କିଛି ଦଶନ୍ଧି ମଧ୍ୟରେ ଦଶ ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ରହିଛି । ଜଙ୍ଗଲ ଅଗ୍ନିକାଣ୍ଡ, ଚରମ ପାଣିପାଗ ପରିସ୍ଥିତି, ପ୍ରଜାତି ଆକ୍ରମଣାତ୍ମକ କୀଟପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ଏବଂ କିଛି ସଂକ୍ରମଣ ଜନିତ ବ୍ୟାଧିର ପ୍ରସାର ମଧ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ତୀବ୍ରତର ହେଉଛି ।

ଜଳବାୟୁରେ ପରିବର୍ତ୍ତନ ଏବଂ ଚରମ ପାଣିପାଗ ଘଟଣା ମଧ୍ୟ ବିଶ୍ୱର ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ଗୁରୁତର ପ୍ରଭାବିତ କରିଛି। ଏହାଦ୍ୱାରା ବିଶ୍ୱରେ କ୍ଷୁଧା ଏବଂ ଅପପୁଷ୍ଟିର ପ୍ରସାର ଘଟିଛି । ମତ୍ସ୍ୟପାଳନ, ଫସଲ ଏବଂ ପଶୁପାଳନ ଭଳି କ୍ଷେତ୍ରଗୁଡ଼ିକ ନଷ୍ଟ ହେଉଛି କିମ୍ବା ସେଗୁଡିକ ସ୍ୱଳ୍ପ ଉତ୍ପାଦନଶୀଳ ପାଲଟି ଯାଉଛନ୍ତି । ସମୁଦ୍ରର ଜଳରାଶି ଅଧିକ ଅମ୍ଳୀୟ ହେବା ଫଳରେ କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଥିବା ସାମୁଦ୍ରିକ ପ୍ରାଣୀମାନେ ଏବେ ବିଲୁପ୍ତିର ଦ୍ୱାରଦେଶରେ । ଆର୍କଟିକ୍ ଅଞ୍ଚଳରେ ସ୍ୱଳ୍ପ ତୁଷାରପାତ ଓ ବରଫ ବିଗଳନ ଯୋଗୁଁ ବରଫ ଆବରଣର ସଙ୍କୋଚନ ଘଟୁଛି ଯାହାଦ୍ୱାରା ଗୋଷ୍ଠରେ ପଶୁପାଳନ, ଶିକାର ଏବଂ ମାଛ ଧରିବା ଭଳି କ୍ଷେତ୍ର ଗୁରୁତର କ୍ଷତିଗ୍ରସ୍ତ ହୋଇଛି ।

ଜଳବାୟୁ ପରିବର୍ତ୍ତନ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଗୁରୁତର ପ୍ରଭାବିତ କରିଛି । ପ୍ରତିବର୍ଷ, ପରିବେଶଗତ କାରଣଗୁଡ଼ିକ ଦ୍ୱାରା ପ୍ରାୟ ୧୩୦ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟୁଛି । ପରିବର୍ତ୍ତନଶୀଳ ପାଣିପାଗ ବ୍ୟବସ୍ଥା ଦ୍ୱାରା ବ୍ୟାଧିର ପ୍ରସାରଣ ଘଟୁଛି । ବନ୍ୟା ବାତ୍ୟା ଭଳି ଚରମ ପାଣିପାଗ ଘଟଣା ଦ୍ୱାରା ଲୋକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଛି । ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟସେବା ଯୋଗଣ ସଂସ୍ଥାଗୁଡ଼ିକ ଦ୍ୱାରା ଲୋକମାନଙ୍କୁ ସୂଚାରୁ ସ୍ୱାସ୍ଥ୍ୟସେବା ଯୋଗାଣ ବ୍ୟବସ୍ଥାରେ ମଧ୍ୟ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ।

ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ ପରିଣାମ ହେଉଛି ବନ୍ୟା ଓ ବାତ୍ୟା । ବନ୍ୟା ଗାଁ ଓ ସହରାଞ୍ଚଳରେ ଥିବା ଜନଜୀବନକୁ ଉଜାଡ଼ି ଦେଇଛି । ବାସଗୃହ ଓ ଜୀବିକା ନଷ୍ଟ କରିଛି । ଗତ ଦଶନ୍ଧି (୨୦୧୦-୨୦୧୯) ମଧ୍ୟରେ, ପାଣିପାଗ ସମ୍ବନ୍ଧୀୟ ଘଟଣାଗୁଡ଼ିକ ପ୍ରତି ବର୍ଷ ହାରାହାରି ୨୩.୧ ନିୟୁତ ଲୋକଙ୍କୁ ବିସ୍ଥାପିତ କରିଛି, ଯାହା ଫଳରେ ଲୋକେ ନାହିଁ ନ ଥିବା ଦାରିଦ୍ର୍ୟର ଶିକାର ହୋଇଛନ୍ତି । ଆଉ ଭିଟାମାଟି ଛାଡ଼ି ଅନ୍ୟ ଦେଶକୁ ପଳାୟନ କରିଛନ୍ତି । ଲୋକେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହିତ ଖାପ ଖୁଆଇ ଚଳିବା ପାଇଁ ପ୍ରସ୍ତୁତ ନ ଥିବା ଦେଶରୁ ହିଁ ବିସ୍ଥାପିତ ହୋଇ ଥାଆନ୍ତି ।

ସମୁଦ୍ର ପତ୍ତନର ଅଭିବୃଦ୍ଧି

ମାନବକୃତ କାର୍ଯ୍ୟକଳାପ ଯୋଗୁଁ ବିଶ୍ୱ ତାପନ କାରଣରୁ ମେରୁର ତୁଷାରବୃତ୍ତ ଶୃଙ୍ଗ ଓ ହିମବାହ ସବୁରେ କେଉଁ ଆବହମାନ କାଳରୁ ଜମାଟ ବନ୍ଧିଥିବା ବରଫ ଏବେ ତରଳି ଯାଉଛି । ଏହି ବିପୁଳ ଜଳରାଶି ନଦୀ ଦେଇ ସମୁଦ୍ରକୁ ପ୍ରବାହିତ ହେଉଛି । ସମୟକ୍ରମେ, ଏହି ଅତିରିକ୍ତ ଜଳ ସମୁଦ୍ରରେ ମିଶି ସମୁଦ୍ରର ଜଳ ପତ୍ତନ ବୃଦ୍ଧି କରୁଛି । କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାରେ ସମୁଦ୍ରଜଳର ମଧ୍ୟ ତାପୀୟ ପ୍ରସାରଣ ଘଟି ସମୁଦ୍ର ପତ୍ତନ ବୃଦ୍ଧି ଘଟୁଛି । ବିଗତ ୧୯୦୧ ରୁ ୨୦୧୮ ଖ୍ରୀଷ୍ଟାବ୍ଦ ସମୟକାଳ ମଧ୍ୟରେ, ହାରାହାରି ବୈଶ୍ୱିକ ସମୁଦ୍ରପତ୍ତନ ୫ ରୁ ୨୫ ସେ.ମି. ବୃଦ୍ଧି ପାଇଛି । ଏହି ବୃଦ୍ଧି ୧୯୭୦ ଦଶକ ପରଠାରୁ ପ୍ରତିବର୍ଷ ୨.୩ ମି.ମି. ହାରରେ ଘଟୁଛି ଯାହା ବିଗତ ୩୦୦୦ ବର୍ଷ ମଧ୍ୟରେ ସର୍ବାଧିକ । ବିଗତ ୨୦୧୩-୨୦୨୨ ଦଶକରେ ଏହି ହାର ବୃଦ୍ଧି ପାଇ ବାର୍ଷିକ ୪.୬୨ ମି.ମି. ମୂଲ୍ୟରେ ପହଞ୍ଚିଲାଣି । ବିଗତ ୧୯୯୩ ରୁ ୨୦୧୮ ମସିହା ଅବଧି ମଧ୍ୟରେ, ସମୁଦାୟ ସମୁଦ୍ରପତ୍ତନ ବୃଦ୍ଧିର ୪୪% ଅଂଶ ବରଫ ବିଗଳନ ଯୋଗୁଁ ହୋଇଥିଲାବେଳେ ଜଳର ତାପୀୟ ପ୍ରସାରଣ ଜନିତ ପ୍ରଭାବ ଆହୁରି ୪୨ % ଅଂଶ ବୃଦ୍ଧି ପାଇଁ ଦାୟୀ ବୋଲି ଜଣା ପଡ଼ିଛି ।

ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ତୁଭାଲୁ, ମାର୍ଶାଲ୍ ଦ୍ୱୀପପୁଞ୍ଜ, କିରିବାଟି ଏବଂ ମାଳଦ୍ୱୀପ ଭଳି କିଛି ପ୍ରଶାନ୍ତ ମହାସାଗରୀୟ ଏବଂ ଭାରତ ମହାସାଗରୀୟ ଦ୍ୱୀପପୁଞ୍ଜର ଅଧିବାସୀମାନଙ୍କ ପ୍ରତି ସଙ୍କଟ ସୃଷ୍ଟି ହୋଇଛି । କାର୍ଟେରେଟ୍ ଏବଂ ସୋଲୋମନ ଭଳି ଅନ୍ୟ କିଛି ଦ୍ୱୀପପୁଞ୍ଜର ଅଧିବାସୀମାନେ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ସ୍ଥଳଭାଗ କ୍ଷୟର ପରିଣାମ ଭୋଗି ସାରିଲେଣି। ସମୁଦ୍ର ପତ୍ତନ ବୃଦ୍ଧି କାରଣରୁ ଉପକୂଳ ଅଞ୍ଚଳର ଭୂମିର ଅବକ୍ଷୟ, ବନ୍ୟା ପ୍ରକୋପ ବୃଦ୍ଧି, ମଧୁର ଜଳଉତ୍ସରେ ଲୁଣିଆ ଜଳର ପ୍ରବେଶ ଏବଂ ଉପକୂଳ ଅଧିବାସୀମନଙ୍କର ବିସ୍ଥାପନ ଭଳି ପରିଣାମମାନ ସୃଷ୍ଟି ହେଉଛି । ଏହା ମଧ୍ୟ ଭିତ୍ତିଭୂମି ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା ସଙ୍ଗେ ସଙ୍ଗେ ପ୍ରବାଳ ପ୍ରାଚୀର ଏବଂ ଆର୍ଦ୍ରଭୂମି ଭଳି ସ୍ୱପରିବେଶୀୟ ସ୍ୱର୍ଶକାତର ପରିସଂସ୍ଥାକୁ ପ୍ରଭାବିତ ତଥା ପର୍ଯ୍ୟଟନ ଭଳି ମାନବକୃତ କାର୍ଯ୍ୟକଳାପକୁ ବାଧାପ୍ରାପ୍ତ କରୁଛି ।

ଓଡ଼ିଶା ଉପରେ ପ୍ରଭାବ

ବିଶ୍ୱ ତାପନର ପ୍ରଭାବ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି । ଲଘୁଚାପ, ଘୂର୍ଣ୍ଣିଝଡ଼ ଏବଂ ଅବପାତ ଜନିତ ବୃଷ୍ଟିପାତ ଏବେ ଆମ ରାଜ୍ୟବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟି ଗଲାଣି । ଅଦିନିଆ ଓ ଅନିୟମିତ ବୃଷ୍ଟିପାତ ଫଳରେ ଚାଷୀମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି । ଇତି ମଧ୍ୟରେ ଅନେକ ପ୍ରଳୟଙ୍କରୀ ବାତ୍ୟା ବଙ୍ଗୋପ ସାଗରରେ ଉଠି ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଛି ଓ ଧନଜୀବନର ବ୍ୟାପକ କ୍ଷୟକ୍ଷତି କରିଛି। ସେଥି ମଧ୍ୟରୁ ୧୯୭୧ ଓ ୧୯୯୯ ମସିହାର ମହାବାତ୍ୟା, ଫାଇଲିନ୍ (୨୦୧୩), ତିତିଲି (୨୦୧୮), ଫନି

(୨୦୧୯), ଜାୱ୍ୱଦ (୨୦୨୧) ଏବଂ ୟଶ (୨୦୨୧) ଉଲ୍ଲେଖଯୋଗ୍ୟ । ଲୋକଙ୍କ ପ୍ରାଣ ପ୍ରବାହିକା ନଦୀଗୁଡ଼ିକ ଏବେ ଶୁଖିଲା ଓ ସମ୍ଭାବନାଶୂନ୍ୟ । ବିଗତ ୧୯୯୮ ମସିହାରେ ଘଟିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ତଥା ୧୯୯୯ ମସିହାର ମହାବାତ୍ୟାରେ ଉଭୟ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶତାଧିକ ଲୋକଙ୍କର ପ୍ରାଣହାନି ଘଟିଥିଲା । ଲଗାଣ ବନ୍ୟା ଏବଂ ମରୁଡ଼ି ରାଜ୍ୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିଲାବେଳେ ଅଦିନିଆ ବର୍ଷା ଓ ଫସଲହାନି ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି । ଇତି ମଧ୍ୟରେ, ସମୁଦ୍ର ରାଜ୍ୟ ପାଇଁ ଏକ ବଡ଼ ବିପଦ ରୂପେ ମୁଣ୍ଡ ଟେକିଛି।

ବଙ୍ଗୋପସାଗର ଦ୍ରୁତ ଗତିରେ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେଉଛି । ଅନେକ ସମୁଦ୍ରକୂଳିଆ ଉର୍ବର ଚାଷଜମି ଓ ଜନବସତି ଏହାର କରାଳ ଗର୍ଭରେ ଲୀନ ହୋଇ ସାରିଲାଣି । ଏହାଦ୍ୱାରା ରାଜ୍ୟ ଅର୍ଥନୀତି ତଥା ଲୋକଙ୍କ ଜୀବନ ଜୀବିକା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଏକ ରିପୋର୍ଟ ଅନୁଯାୟୀ, ବଙ୍ଗୋପ ସାଗରର ବୃଦ୍ଧି ପାଉଥିବା ଜଳସ୍ତର ଏବଂ ଉପକୂଳ ମୃତ୍ତିକାକ୍ଷୟ ଫଳରେ ୧୬ଟି ଗାଁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ବୁଡ଼ି ସାରିଲାଣି ଏବଂ ଏହା ଯୋଗୁଁ ସମୁଦାୟ ୨୪୭ ଜଣ ଲୋକଙ୍କୁ ବିସ୍ଥାପିତ କରାଯାଇଛି । ବିଶେଷକରି, ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଦ୍ୱୀପପୁଞ୍ଜ ସମୁଦ୍ର ପତନ ବୃଦ୍ଧିର ଶିକାରର ଏକ ଜ୍ୱଳନ୍ତ ଉଦାହରଣ । ସମୁଦ୍ର ପତ୍ତନ ବୃଦ୍ଧି ଫଳରେ, ଏହି ଅଞ୍ଚଳରୁ କିଛି ଗ୍ରାମ ଓ ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି । ସାତଭାୟାର ଏକ ବଡ଼ ଭୂଖଣ୍ଡ ସମୁଦ୍ର ପତ୍ତନ ବୃଦ୍ଧି ଦ୍ୱାରା ସମୁଦ୍ରଗର୍ଭରେ ଲୀନ ହୋଇଛି । ଏକଦା ସାତଟି ଗ୍ରାମର ଏକ ସମୂହ ବୋଲି ଜଣାଥିବା ସାତଭାୟା ଭୂଖଣ୍ଡରେ ଏବେ କେବଳ ଗୋଟିଏ ଛୋଟିଆ ଅଂଶଟିଏ ବାକି ରହି ଯାଇଛି, ଯାହା ମଧ୍ୟ ବିଲୁପ୍ତିର ଦ୍ୱାରଦେଶରେ । ବଙ୍ଗୋପ ସାଗର ଅନ୍ୟ ଛଅଟି ଗ୍ରାମ ଯଥା ଗୋବିନ୍ଦପୁର, ମୋହନପୁର, ଚିନ୍ତାମଣିପୁର, ବଡ଼ଗହୀରାମଠ, କହ୍ନେଇପୁର ଏବଂ ଖାରିକୁଲାକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସ କରି ସାରିଲାଣି । ଗତ ୨୦୧୮ ମସିହାରେ, ଜିଲ୍ଲା ପ୍ରଶାସନ ସାତଭାୟା ଗ୍ରାମପଞ୍ଚାୟତରୁ ୫୭୧ ପରିବାରକୁ ସମୁଦ୍ରତଟଠାରୁ ୧୨ କି.ମି. ଦୂରରେ ଥିବା ବାଗାପାଟିଆ ଗ୍ରାମର ଏକ ପୁନର୍ବାସ ଶିବିରକୁ ସ୍ଥାନାନ୍ତରିତ କରିଥିଲେ । ବର୍ତ୍ତମାନ, ବିସ୍ଥାପିତ ପରିବାରର ସମୁଦାୟ ୧୭,୦୪୯ ଜଣ ଲୋକ ଏହି ପୁନର୍ବାସ ଶିବିରରେ ଥଇଥାନ ହୋଇଛନ୍ତି । ମାତ୍ର ଅଧିକାଂଶ ଲୋକ ଏହି ନୂତନ ରହଣି ସ୍ଥାନରେ ଏ ପର୍ଯ୍ୟନ୍ତ ଖୁସି ନୁହଁନ୍ତି ।

ପ୍ରକୃତି ଚିରଦିନ ମଧୁର ଓ ଉଦାର । ମାତ୍ର ପ୍ରକୃତି ସହିତ ହସ୍ତକ୍ଷେପ କଲେ ଏହା ପାଲଟି ଯାଏ ଉତ୍ତପ୍ତ ଓ ଉଦାସ । ତେବେ ଆଜିର ଏହି ବିପର୍ଯ୍ୟୟ ଓ ଅବକ୍ଷୟ ପ୍ରକୃତିର ମନୁଷ୍ୟ ପ୍ରତି ବିଦ୍ରୁପ ନୁହେଁ କି? ତେବେ ଆସନ୍ତୁ, ପ୍ରକୃତି ସହିତ ମିଳିମିଶି ବାସ କରିବା ଏବଂ ଏକ ପରିବେଶ ପ୍ରିୟ ଜୀବନଶୈଳୀ ଆପଣେଇ ନେବା । ତେବେ ଯାଇ, ବସନ୍ତର ବର୍ଣ୍ଣବିଭା ଓ କୋଇଲିର କୁହୁତାନ ପୁଣି ଫେରି ଆସିବ । ମୌସୁମୀ ପୁଣି ହୋଇଯିବ ଛନ୍ଦଭରା ଏବଂ ନଦୀମାନେ ପାଲଟିଯିବେ ପ୍ରଗଳଭା ଓ ସ୍ରୋତସ୍ୱିନୀ । କୃଷକର ଶସ୍ୟକ୍ଷେତ୍ର ଏବଂ ଚାରଣଭୁମି ପୁଣି ସବୁଜିମାରେ ଭରିଯିବ ଏବଂ ଗୋମାତାମାନଙ୍କର ଚିର କ୍ଷୀରରେ ଭରିଯିବ । ଉଜୁଡ଼ା ଜଙ୍ଗଲ ସ୍ଥାନରେ ନୂତନ ଅରଣ୍ୟ ଗଢ଼ି ଉଠିବ ଏବଂ ଝରଣାର ମୂର୍ଚ୍ଛନାରେ ଜଙ୍ଗଲ ନିନାଦିତ ହେବ। ତେବେ ଯାଇ ପ୍ରକୃତିରାଣୀ ପଲଟିଯିବ ମାଦକତାଭରା ଓ ସମ୍ଭାବନାପୂର୍ଣ୍ଣା । ଆଉ ଆମେ ମନୁଷ୍ୟ ପ୍ରକୃତିର ପୂଜାରୀ ସାଜି ଆବାହନ କରିବା ତା'ର ସେହି ସତ୍ୟ, ଶିବ ଓ ସୁନ୍ଦର ରୂପକୁ । ■

ଏଜୁକେଶନ ଅଫିସର୍
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ:୮୯୧୭୬୩୭୯୭୪

ପରିବେଶ ପ୍ରଦୂଷଣ

ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସ

ପରିବେଶରେ ସ୍ୱାଭାବିକ ପଦାର୍ଥ ଅସ୍ୱାଭାବିକ ପରିମାଣରେ ରହିଲେ କିମ୍ବା ପରିମାଣ ନିର୍ବିଶେଷରେ ଅସ୍ୱାଭାବିକ ପଦାର୍ଥ ରହିଲେ ପରିବେଶର ସ୍ୱାଭାବିକ ଗୁଣଧର୍ମ ବଦଳିଯାଏ । ଏହା ହେଉଛି ପରିବେଶ ପ୍ରଦୂଷଣ । ଉଦାହରଣ ସ୍ୱରୂପ ଅଙ୍ଗାରକାମ୍ଳ ବାଷ୍ପ ବାୟୁର ଏକ ସ୍ୱାଭାବିକ ଉପାଦାନ ହେଲେ ସୁଦ୍ଧା ଏହାର ଅସ୍ୱାଭାବିକ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷିତ ହେଉଛି । ଏକ ହିସାବରୁ ଜଣାଯାଇଛି ଯେ, ୧୮୦୦ ମସିହା ସୁଦ୍ଧା ବାୟୁମଣ୍ଡଳରେ ଯେତିକି ଅଙ୍ଗାରକାମ୍ଳ ବାଷ୍ପ ଥିଲା ତା'ପର ୨୨୦ ବର୍ଷ ଭିତରେ ଅର୍ଥାତ ୨୦୨୦ ମସିହା ସୁଦ୍ଧା ତାହା ଦେଢ଼ ଗୁଣରୁ ଅଧିକ ହୋଇଛି । ଏହାର ଏକମାତ୍ର କାରଣ ହେଲା ଅହେତୁକ ଜନସଂଖ୍ୟା ବୃଦ୍ଧି ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜଙ୍ଗଲ କ୍ଷୟ ।

ହ୍ରାସ ହେଉଛି ଜଙ୍ଗଲ

ସେହିପରି ବାୟୁମଣ୍ଡଳର ସ୍ୱାଭାବିକତା ରକ୍ଷା କରିବା ଲାଗି ଭୂଭାଗର ଅନ୍ୟୂନ ତେତିଶ ପ୍ରତିଶତ ବଣଜଙ୍ଗଲ ରହିବା କଥା । ତେବେ 'ପରିସଂଖ୍ୟାନରେ ପୃଥିବୀ' ଶୀର୍ଷକ ରିପୋର୍ଟ ଅନୁସାରେ, ଏବେ ପୃଥିବୀରେ ମୋଟ ଭୂଭାଗର ମାତ୍ର ଛବିଶ ପ୍ରତିଶତ ବଣଜଙ୍ଗଲ ରହିଛି । ଖ୍ରୀଷ୍ଟପୂର୍ବ ୮୦୦୦ ରୁ ଖ୍ରୀଷ୍ଟାବ୍ଦ ୧୯୦୦ ମଧ୍ୟରେ ଅର୍ଥାତ୍ ନଅ ହଜାର ନଅ ଶହ ବର୍ଷରେ ଯେତିକି ଜଙ୍ଗଲ ନଷ୍ଟ ହୋଇଥିଲା , ୧୯୦୧ରୁ ୧୨୦ ବର୍ଷରେ ସେତିକି ଜଙ୍ଗଲ ନଷ୍ଟ ହୋଇଛି । ଆମ ଦେଶରେ ପ୍ରାୟ ୩୧ ପ୍ରତିଶତ ଓ ଆମରାଜ୍ୟରେ ୩୩ ପ୍ରତିଶତ ଜଙ୍ଗଲ ଥିବା ୨୦୨୩ ମସିହାର ସରକାରୀ ରିପୋର୍ଟରୁ ଜଣାଯାଏ । ବାୟୁ ପ୍ରଦୂଷଣ ଯୋଗୁଁ ମନୁଷ୍ୟମାନେ ଶ୍ୱାସ, ସିଓପିଡି (CPDO), ଫୁସଫୁସ ପ୍ରଦାହ ସହିତ କ୍ୟାନସର, ହୃଦ୍‌ରୋଗ, ସ୍ନାୟବିକ ରୋଗ ପ୍ରଭୃତି ଭୋଗି ଥାଆନ୍ତି ।

ସେହିପରି ଜଳ ଓ ମୃତ୍ତିକାରେ ଶିଳ୍ପ ନିଃସୃତ ବର୍ଜ୍ୟ ପଦାର୍ଥ, ପ୍ଲାଷ୍ଟିକ ଓ କୃଷି କ୍ଷେତ୍ରରେ ବ୍ୟବହୃତ ବିଷ ଏବଂ ରାସାୟନିକ ସାର ପରି ଅସ୍ୱାଭାବିକ ପଦାର୍ଥ ସବୁ ଜମା ହେବା ଦ୍ୱାରା ପ୍ରଦୂଷଣ ଘଟୁଛି । ମଣିଷଙ୍କ ଅହେତୁକ ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ସ୍ୱାର୍ଥପର କାର୍ଯ୍ୟକଳାପ ଯୋଗୁଁ ଉଭୟ ସ୍ୱାଭାବିକ ବସ୍ତୁର ଅସ୍ୱାଭାବିକ ବୃଦ୍ଧି ଓ ଅସ୍ୱାଭାବିକ ପଦାର୍ଥ ଜମା ହେବା ଜନିତ ପରିବେଶ ପ୍ରଦୂଷଣ ଘଟୁଛି । ବିଷାକ୍ତ ବାୟୁ ଓ ଦୂଷିତ ଜଳ ଯୋଗୁଁ ବର୍ଷକୁ ପ୍ରାୟ ଦଶକୋଟି ମଣିଷ ମରୁଛନ୍ତି । ପ୍ଲାଷ୍ଟିକ ଯୋଗୁଁ ଉଭୟ ଜଳ ଓ ମୃତ୍ତିକା ପ୍ରଦୂଷଣ ଅତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି ।

ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ

୧୯୫୦ରେ ସମଗ୍ର ପୃଥିବୀରେ ୧୫ ଲକ୍ଷ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଥିଲାବେଳେ ୨୦୨୩ ମସିହାରେ ୪୧୪୦ ଲକ୍ଷ ମେଟ୍ରିକ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଛି । ଏଇଥିରୁ ପ୍ଲାଷ୍ଟିକର ଲୋକପ୍ରିୟତା ଠଉରାଇ ହେବ । କେବଳ ଆମ ଭାରତରେ ବର୍ଷକୁ ପ୍ରାୟ ଏକଶହ ୮୫ ଲକ୍ଷ ଟନ୍ ପ୍ଲାଷ୍ଟିକ ବ୍ୟବହୃତ ହୋଇଥାଏ । ଏତେ ଉତ୍ପାଦନ କରାଯାଉଥିବା ପ୍ଲାଷ୍ଟିକରୁ ଚାଳିଶ ପ୍ରତିଶତ ବିଭିନ୍ନ ସାମଗ୍ରୀ ପ୍ୟାକିଂ କରିବାରେ ଲାଗିଯାଏ । ମନେରଖିବାକୁ ହେବ ଯେ, ଯେଉଁ ପଦାର୍ଥ ଯେତେ ଲୋକପ୍ରିୟ ହେବ, ତାହାର ଉତ୍ପାଦନ, ବିକ୍ରି ଓ କାମ ପରେ ଫୋପଡ଼ା ମଧ୍ୟ ସେତେ ଅଧିକ ହେବ । ପ୍ଲାଷ୍ଟିକ କ୍ଷେତ୍ରରେ ତାହା ହିଁ ଘଟିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟରୁ ଜଣାଯାଇଛି ଯେ ୨୦୧୭ ବର୍ଷରେ ଆମଦେଶରେ ୯୪ ଲକ୍ଷ ୭୦ ହଜାର ଟନ୍ ଓଜନର ପ୍ଲାଷ୍ଟିକ ଆବର୍ଜନା ଆମ ପାଖ ପରିବେଶରେ କୁଢ଼ା ହୋଇଥିଲା । ଏଥିରୁ ପ୍ରାୟ ସତୁରି ପ୍ରତିଶତ ଥିଲା ପ୍ୟାକିଂରେ ବ୍ୟବହୃତ ପ୍ଲାଷ୍ଟିକ ।

ପ୍ଲାଷ୍ଟିକ ଆବିଷ୍କାର ଏକ ସୌଭାଗ୍ୟ ରୂପେ ବିବେଚିତ ହୋଇଥାଇପାରେ; ମାତ୍ର ସିଙ୍ଗଲ ଇଉଜ୍ ପ୍ଲାଷ୍ଟିକ ଏବେ ଏକ ଅଭିଶାପ ପରି ମନେ ହେଲାଣି । କାରଣ, ଆମ ଲୋକଙ୍କ ଯେଉଁଠି ପାରିବା ସେଠି ଫୋପାଡ଼ିବା ଅଭ୍ୟାସ ଯୋଗୁଁ ଏଗୁଡ଼ିକକୁ ସଂଗ୍ରହ କରି ପୁନର୍ବିନିଯୋଗକ୍ଷମ କରିବା ଆର୍ଥିକ ଦୃଷ୍ଟିରୁ ଲାଭଜନକ ନୁହେଁ , ଦ୍ୱିତୀୟତଃ ଏଗୁଡ଼ିକ ପରିବେଶରେ କୁଢ଼କୁଢ଼ ଜମା ହୋଇ ମାଟି, ପାଣି, ପବନ ସବୁ କିଛିକୁ ଦୂଷିତ କରିବା, ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସାର ହେଉଛି ।

ପ୍ଲାଷ୍ଟିକ ଜିନିଷ ହାଲୁକା, ମଜଭୁତ, ସୁନ୍ଦର, ଶସ୍ତା ଏବଂ ପ୍ରାକୃତିକ ଭାବରେ ସମୟକ୍ରମେ ଏହା ନଷ୍ଟ ହେବନାହିଁ । ପ୍ଲାଷ୍ଟିକର ଏହି ପାଞ୍ଚଟି ଯାକ ଧର୍ମ ଏହାକୁ ଲୋକପ୍ରିୟ କରିଥିଲା ବେଳେ ଏହାର ଶେଷୋକ୍ତ ଧର୍ମଟି ଏହାକୁ ପରିବେଶ ପାଇଁ ପୂରାପୂରି ଅବାଞ୍ଛିତ କରିଦେଇଛି । ଭୂଇଁ ଉପରେ ଖରାରେ ପଡ଼ି ପଡ଼ି ପ୍ଲାଷ୍ଟିକ ପାମ୍ପରା ହୋଇ ସହଜରେ ଭାଙ୍ଗି ଯାଏ ବା ଗୁଣ୍ଡ ହୋଇଯାଏ । ପ୍ଲାଷ୍ଟିକ ମୁଣି, ବାଲ୍ଟି ଇତ୍ୟାଦି ଖରା ଯୋଗୁ ସହଜରେ ଭାଙ୍ଗି ପଡୁଥିବା ସମସ୍ତେ ଲକ୍ଷ୍ୟ କରିଥିବେ । ପ୍ଲାଷ୍ଟିକ ଏମିତି ଭାଙ୍ଗି ଭାଙ୍ଗି ବଡ଼ ଖଣ୍ଡରୁ ଛୋଟଛୋଟ ଖଣ୍ଡରେ ସିନା ପରିଣତ ହେବ, ମାତ୍ର ମାଟିରେ ମିଶିବ ନାହିଁ । ଏହାର ରାସାୟନିକ ଗଠନ ଯୋଗୁ ଏହା ପ୍ରାକୃତିକ ପରିସ୍ଥିତିରେ ପଚନଶୀଳ ନୁହେଁ । ଖରାରେ ଭାଙ୍ଗି ଯାଇ ଏହା ଅତି ଅତି କ୍ଷୁଦ୍ର ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ । ପ୍ଲାଷ୍ଟିକ ଆବର୍ଜନା ଜମା ହୋଇ ରହୁଥିବା ଅଳିଆଗଦାରୁ ମାଇକ୍ରୋପ୍ଲାଷ୍ଟିକ ରୂପରେ ଏହା ପବନରେ ଉଡ଼ି, ବର୍ଷା ପାଣିରେ ଧୋଇ ହୋଇଯାଇ ନଈନାଳ, ହ୍ରଦ, ସମୁଦ୍ର, କୂଅ ପୋଖରୀ ପାଣିରେ ମିଶେ ।

କ୍ଷତିକାରକ ମାଇକ୍ରୋପ୍ଲାଷ୍ଟିକ

ମାଇକ୍ରୋପ୍ଲାଷ୍ଟିକ୍ ଆମ ଆଖିକୁ ଦେଖାଯାଏ ନାହିଁ। ମୁହଁଲଗା ପାଉଡର୍, ଝିଅମାନେ ବ୍ୟବହାର କରୁଥିବା ଲିପ୍ଷ୍ଟିକ୍ ଓ ବିଭିନ୍ନ ରକମର ଓ ରଙ୍ଗର ପ୍ରଲେପରେ ମଧ୍ୟ ମାଇକ୍ରୋପ୍ଲାଷ୍ଟିକ ମିଶାଯାଇଥାଏ; କିନ୍ତୁ ତାହା ଦେଖାଯାଏ ନାହିଁ । ସେହିପରି ଆମେ ପିଉଥିବା କଳପାଣିରେ ମଧ୍ୟ ମାଇକ୍ରୋପ୍ଲାଷ୍ଟିକ ମିଶିକି ରହିଛି । ଆମେରିକାର ମିନେସୋଟା ବିଶ୍ୱବିଦ୍ୟାଳୟ ଏବଂ ଇଂଲଣ୍ଡର ପ୍ଲାଇମାଉଥ ବିଶ୍ୱବିଦ୍ୟାଳୟର ଗବେଷକମାନେ ବିଭିନ୍ନ ଦେଶରୁ ପିଉଥିବା କଳପାଣି ଆଣି ପରୀକ୍ଷା କରିଥିଲେ। ଏହି ପରୀକ୍ଷାରୁ ଦେଖାଗଲା ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ସବୁଠାରୁ ଅଧିକ (ପ୍ରାୟ ୯୪ ପ୍ରତିଶତ) ମାଇକ୍ରୋପ୍ଲାଷ୍ଟିକ ରହିଛି । ଆମ ଦେଶର ପ୍ରାୟ ତେୟାଅଶି ପ୍ରତିଶତ ଏବଂ ଫ୍ରାନ୍ସ ଓ ଇଂଲଣ୍ଡର କଳପାଣିରେ ସବୁଠାରୁ କମ ପ୍ରାୟ ସତୁରି ପ୍ରତିଶତ ପାଣିରେ ମାଇକ୍ରୋପ୍ଲାଷ୍ଟିକ ରହୁଛି ।

ପିଇବା ପାଣି କେବଳ ନୁହେଁ, ଜର୍ମାନୀରେ ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି ଯେ ବିଭିନ୍ନ କମ୍ପାନୀ ତିଆରି କରୁଥିବା ବିଅରରେ, ମହୁ ଓ ଚିନିରେ ମଧ୍ୟ ମାଇକ୍ରୋପ୍ଲାଷ୍ଟିକ ଖଣ୍ଡମାନ ସାଙ୍ଗକୁ ମାଇକ୍ରୋପ୍ଲାଷ୍ଟିକ ତନ୍ତୁ ବା ଫାଇବର ମଧ୍ୟ ରହୁଛି । ଫ୍ରାନ୍ସର ଗବେଷକମାନେ ଦେଖିଛନ୍ତି ଯେ ଏହି ସବୁ ମାଇକ୍ରୋପ୍ଲାଷ୍ଟିକ ଫାଇବର୍ ଓ ଖଣ୍ଡ ସବୁ ପବନରେ ଉଡ଼ି ଆସି ବିଭିନ୍ନ ସ୍ଥାନରେ ପଡୁଛି, ଏପରିକି ବାସଗୃହ ଭିତରେ ବି ପଡୁଛି। ମାଇକ୍ରୋପ୍ଲାଷ୍ଟିକ ପାଇଁ କ୍ୟାନସର ହେବାର ଆଶଙ୍କା ରହୁଛି। କୂଅ ପାଣିରେ ମାଇକ୍ରୋ-ପ୍ଲାଷ୍ଟିକ ଦେଖିଥିବା ଗବେଷିକା ଆୟାର୍ଲାଣ୍ଡର ପ୍ରଫେସର ଆନି ମେରୀ କହିଛନ୍ତି କି, ମାପି ନହେଉଥିବା ନାନୋକଣିକା ଆକାରର ମାଇକ୍ରୋପ୍ଲାଷ୍ଟିକରେ ତା'ଠାରୁ ସାନ ସାନ ରୋଗ ଜୀବାଣୁ ରହିଥାଇପାରନ୍ତି ଏବଂ ସେମାନେ ସହଜରେ ଶରୀର କୋଷ ମଧ୍ୟକୁ ପଶି ଯାଇପାରନ୍ତି। ସେ ଆହୁରି କହିଛନ୍ତି ଯେ ମାଇକ୍ରୋପ୍ଲାଷ୍ଟିକ ଫାଇବର୍ ନାଳନର୍ଦ୍ଦମାର କ୍ଷତିକାରକ ଜୀବାଣୁକୁ ଆକର୍ଷିତ କରିଥାଏ ।

ବିପଦରେ ଜଳଚର ଜୀବ

ପ୍ଲାଇମାଉଥ୍ ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଫେସର ରିଚାର୍ଡ ଥମ୍ପସନ୍ କହିଛନ୍ତି ଯେ, ମାଇକ୍ରୋପ୍ଲାଷ୍ଟିକ କ୍ଷତିକାରକ ରାସାୟନିକ ପଦାର୍ଥକୁ ଆକର୍ଷଣ କରି ରଖେ ଏବଂ ଜୀବମାନଙ୍କ ଶରୀରରେ ପ୍ରବେଶ କଲା ପରେ ସେହି ବିଷାକ୍ତ ରାସାୟନିକ ପଦାର୍ଥକୁ ଜୀବ ଶରୀରକୁ ଛାଡ଼ି ଦିଏ । ତେବେ ମାଇକ୍ରୋପ୍ଲାଷ୍ଟିକ କେବଳ ପିଇବା ପାଣିରେ ଆମ ଦେହକୁ ଆସୁ ନାହିଁ। ବର୍ଷାପାଣିରେ ଧୋଇ ହୋଇଯାଇ ନଈ ନାଳ ଓ ସମୁଦ୍ରରେ ମିଶିଲା ପରେ, ଜଳଚର ପ୍ରାଣୀମାନଙ୍କ ଖାଦ୍ୟରେ ଏହା ସେମାନଙ୍କ ଦେହକୁ ଯାଉଛି । ଆମେ ସେହି ଜଳଚର ମାଛ, କଙ୍କଡ଼ା, କଇଁଛ, ଚିଙ୍ଗୁଡ଼ି ପ୍ରଭୃତି ଖାଇବା ଦ୍ୱାରା ତାହା ଆମ ଦେହକୁ ଆସୁଛି ।

ସାଧାରଣ ଭାବରେ ପ୍ଲାଷ୍ଟିକ ସମୁଦ୍ରର ଓ ସାମୁଦ୍ରିକ ଜୀବମାନଙ୍କର ଅକଥନୀୟ କ୍ଷତି କରୁଛି। ପ୍ଲାଷ୍ଟିକ ମୁଣି ଓ ଅନ୍ୟାନ୍ୟ କିସମର ପ୍ଲାଷ୍ଟିକ ପବନରେ ଉଡ଼ି ଉଡ଼ି ଏବଂ ନଈ ପାଣିରେ ଭାସିଯାଇ ସମୁଦ୍ରରେ ପଡ଼ିଥାଏ। ତା'ଛଡ଼ା ପ୍ରତ୍ୟେକ ସମୁଦ୍ର କୂଳରେ ଆମେମାନେ ନାନା ଭାବରେ ପ୍ଲାଷ୍ଟିକ ବୋତଲ, ମୁଣି ଇତ୍ୟାଦି ପକାଇଥାଉ । ଅଧିକାଂଶ ପ୍ଲାଷ୍ଟିକ କୂଳରୁ ସମୁଦ୍ର ଭିତରକୁ ଚାଲିଯାଏ । ଜହାଜ କି ଡଙ୍ଗା ଓ ଟ୍ରଲର ଇତ୍ୟାଦିରେ ସମୁଦ୍ର ମଧ୍ୟକୁ ଯାଉଥିବା ଲୋକମାନେ ମଧ୍ୟ ସମୁଦ୍ର ମଧ୍ୟରେ ଅଦରକାରୀ ପ୍ଲାଷ୍ଟିକ ଅଭ୍ୟାସବଶତଃ ପକାଇ ଦେଇଥାନ୍ତି । କେତେକ ଦେଶ ମଧ୍ୟ ଆବର୍ଜନା ନିଷ୍କାସନ ଲାଗି ଅନ୍ୟଦେଶକୁ ଅଦରକାରୀ ପ୍ଲାଷ୍ଟିକ ଆବର୍ଜନା ଜାହାଜରେ ପଠାଇଲାବେଳେ ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ କାରଣରୁ ସମୁଦ୍ର ମଝିରେ ପ୍ଲାଷ୍ଟିକ ଜାଲ, ଡବା ଓ ପାଲ ଇତ୍ୟାଦି ପଡ଼ି ଯାଇଥାଏ ।

ସମୁଦ୍ରରେ ପଡୁଥିବା ପ୍ଲାଷ୍ଟିକ ସମୟକ୍ରମେ ସମୁଦ୍ର ତଳକୁ ଯାଇ ସାମୁଦ୍ରିକ ପ୍ରାଣୀମାନଙ୍କର ଅଶେଷ କ୍ଷତି ଘଟାଉଛି । କଇଁଛ ଓ ତିମିଭଳି ପ୍ରାଣୀମାନେ ପ୍ଲାଷ୍ଟିକରେ ଛନ୍ଦି ହୋଇ ମରି ଯାଆନ୍ତି । ସେହିପରି ପ୍ରଶାନ୍ତ ମହାସାଗର ମଧ୍ୟରେ ଦୁଇଟି ବିଶାଳ ଅଳିଆ ଗଦା ରହିଛି। ଜାପାନ ପାଖାପାଖି ଦ ଗ୍ରେଟ୍ ୱେଷ୍ଟର୍ଣ୍ଣ ପାସିଫିକ ଗାର୍ବେଜ ପ୍ୟାଚ୍ ଓ ଆରଟି ହାୱାଇଦ୍ୱୀପ ଏବଂ କାଲିଫର୍ଣ୍ଣିଆ ମଝିରେ ଦ ଗ୍ରେଟ୍ ଇଷ୍ଟର୍ଣ୍ଣ ଗାର୍ବେଜ ପ୍ୟାଚ ନାଁରେ ରହିଛି । ଏହି ଗାର୍ବେଜ ପ୍ୟାଚ୍‌ରେ କେବଳ ପ୍ଲାଷ୍ଟିକ ଆବର୍ଜନା ୭୯୦୦୦ ଟନ ରହିଛି । ସମୁଦ୍ରରେ ଏଭଳି ଆବର୍ଜନା ଏତେ ବେଶି ହେଲାଣି ଯେ ୨୦୫୦ ମସିହା ବେଳକୁ ସମୁଦ୍ରରେ ମାଛଙ୍କ ଅପେକ୍ଷା ଅଧିକ ଗାର୍ବେଜ ଜମା ହୋଇଥିବ ବୋଲି ଆଶଙ୍କା ହେଲାଣି ।

ଧୀରେ ଧୀରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପ୍ରକୃତି ନଷ୍ଟ ହେବାରେ ଲାଗିଛି। ଫଳରେ ସମଗ୍ର ଜୀବଜଗତକୁ ବିପଦ ମାଡ଼ି ଆସୁଛି। ତେଣୁ ପରିବେଶ ଓ ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ କାର୍ଯ୍ୟ କରିବା ସମସ୍ତଙ୍କ ପରମ କର୍ତ୍ତବ୍ୟ ଓ ଦାୟିତ୍ୱ ଅଟେ। ■

୨୫୨, ସହିଦ ନଗର, ଭୁବନେଶ୍ୱର

ପରିବେଶ ସୁରକ୍ଷା

ମନୁଷ୍ୟ ସୁସ୍ଥ ଭାବେ ବଞ୍ଚି ରହିବା ପାଇଁ ଏକ ଉତ୍ତମ ପରିବେଶ ଆବଶ୍ୟକ। ଅଧୁନା ଆମର ଏହି ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି, ଏଣୁ ଏହାର ସୁରକ୍ଷା ନିତାନ୍ତ ଆବଶ୍ୟକ। ଆମେ ଜାଣୁ ମନୁଷ୍ୟର ଅମାନବିକ ଗୁଣ, ଜଙ୍ଗଲ ନଷ୍ଟ, ଜନସଂଖ୍ୟା ବୃଦ୍ଧି, ବହୁଳ ଯାନବାହାନର ଚଳାଚଳ, ଶିଳ୍ପର ପ୍ରସାର ଇତ୍ୟାଦି ପରିବେଶ ଦୂଷିତର କାରଣ ଅଟେ।

ଡକ୍ଟର ଜ୍ୟୋସ୍ନାମୟୀ ପାତ୍ର

ପ୍ରକୃତି ନଷ୍ଟ ହେବାର କାରଣ

ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି ଫଳରେ ମଣିଷର ଆବଶ୍ୟକତା ବଢୁଛି। ସେଥିପାଇଁ ସୃଷ୍ଟି ହେଉଛି କଳକାରଖାନ ଓ ଗାଡ଼ି ମଟର। ଏଥିରୁ ବାହାରୁଥିବା ଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଥିବାବେଳେ ଏଥିରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ପ୍ରଦୂଷଣ କରୁଛି। ଗାଡ଼ି ମଟରର ଶବ୍ଦ ପରିବେଶକୁ ପ୍ରଦୂଷିତ କରି ଅଶାନ୍ତ ବାତାବରଣ ସୃଷ୍ଟି କରୁଛି। ଫସଲ ଅଧିକ ଅମଳକ୍ଷମ କରାଇବା ପାଇଁ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାର ରାସାୟନିକ ସାର, କୀଟନାଶକ ହରମୋନ୍ ଇତ୍ୟାଦି ଉଦ୍ଭାବନ କରିଛନ୍ତି। ସେସବୁର ପ୍ରୟୋଗ ଦ୍ୱାରା ବାୟୁମଣ୍ଡଳ, ଜଳ ଓ ଖାଦ୍ୟପଦାର୍ଥ ପ୍ରଦୂଷିତ ହେଉଛି। ଯାହାଫଳରେ ସେ ସବୁ ଖାଦ୍ୟ ଖାଇ ଆମର ଆୟୁବୃଦ୍ଧି ହେବା ପରିବର୍ତ୍ତେ ଆୟୁକ୍ଷୟ ହେଉଛି। ବର୍ତ୍ତମାନ ବିଶ୍ୱର ଅନେକ ବିକାଶଶୀଳ ରାଷ୍ଟ୍ର ମଧ୍ୟରେ କ୍ଷମତା ଲଢ଼େଇ ଚାଲିଛି। ତେଣୁ ନିଜ ନିଜ ମଧ୍ୟରେ ଶକ୍ତି ପ୍ରଦର୍ଶନ ପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ରଖିବାର ପ୍ରତିଯୋଗିତା ଚାଲିଛି। ବିଭିନ୍ନ ଆଣବିକ ଶକ୍ତିର ପରୀକ୍ଷଣ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି। ବିବାହ, ବ୍ରତ, ମେଳା, ଯାତ୍ରାରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଆବର୍ଜନା ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ପ୍ଲାଷ୍ଟିକ୍ ପଦାର୍ଥ ପରିବେଶରେ ଥିବାରୁ ଜୀବଜନ୍ତୁମାନେ ଏହାକୁ ଖାଇବା ଦ୍ୱାରା ମୃତ୍ୟୁମୁଖରେ ପଡ଼ୁଛନ୍ତି।

ଜନସଚେତନତା

ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ପରିବେଶ ସଂପର୍କିତ ଶିକ୍ଷା ପ୍ରଦାନ ଅନିବାର୍ଯ୍ୟ କରିବା ଆବଶ୍ୟକ। ଏ କ୍ଷେତ୍ରରେ ଶିକ୍ଷା ପ୍ରତିଷ୍ଠାନ ତଥା କଲେଜସ୍ତରରେ ଶିକ୍ଷକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି। ତାଙ୍କ ଦ୍ୱାରା ଛାତ୍ରଛାତ୍ରୀମାନେ ଜାଗ୍ରତ ହୁଅନ୍ତି। ପ୍ରାକୃତିକ ସମ୍ପଦ ବଞ୍ଚାଇବାର ଶିକ୍ଷା ମିଳେ। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ଗ୍ରାମ ଓ ସହରରେ ପ୍ରକୃତି ସଂରକ୍ଷଣ ନେଇ ଅଭିଯାନ ଚଳାଇବା ମାଧ୍ୟମ ଯୋଗେ ସଚେତନତା, ଟିଭି, ରେଡିଓ ଓ ସୋସିଆଲ ମିଡିଆ ମାଧ୍ୟମରେ ସନ୍ଦେଶ ପ୍ରସାରଣ କରିବା ଜରୁରି। ଗୁରୁତ୍ୱପୂର୍ଣ୍ଣ ବିଷୟ, ପ୍ଲାଷ୍ଟିକ୍ ପ୍ରଦୂଷଣ ଆଜି ପ୍ରାକୃତିକ ପରିବେଶ ପାଇଁ ସବୁଠୁ ଅଧିକ ବିପଦ ସୃଷ୍ଟି କରୁଛି। ଏକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟାଗ୍ ଶତାଧିକ ବର୍ଷ ଜମିରେ ଅପଘଟିତ ନ ହୋଇ ରହିଥାଏ। ଏହା ଜଳ ଏବଂ ମୃତ୍ତିକାର ଉପଯୋଗିତାକୁ ନଷ୍ଟ କରେ। ଏହା ଜୈବ ଅପଘଟିତ ଅକ୍ଷମ। ପ୍ଲାଷ୍ଟିକ୍‌କୁ ଖାଇ ପଶୁପକ୍ଷୀଙ୍କର ଅକାଳରେ ମୃତ୍ୟୁ ହୁଏ। ତେଣୁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ସହ ମିଶି 'ପ୍ଲାଷ୍ଟିକ୍‌କୁ ନା', 'ଶୂନ୍ୟ ପ୍ଲାଷ୍ଟିକ୍ ବ୍ୟବହାର' ଓ 'ବ୍ୟବହୃତ ପ୍ଲାଷ୍ଟିକର ପୁନଃଚକ୍ରଣ' ଆଦି ପଦକ୍ଷେପକୁ କାର୍ଯ୍ୟକ୍ଷମ କରାଇବା ଉଚିତ।

ପ୍ରକୃତି ସଂରକ୍ଷଣ ପାଇଁ ପଦକ୍ଷେପ

ପ୍ରକୃତି ସଂରକ୍ଷଣ ପାଇଁ ଆମେ ଅନେକ ପଦକ୍ଷେପ ନେଇ ପାରିବା, ପ୍ରଥମେ ଗଛ ଲଗାଇବା ଏବଂ ବନକୁ ରକ୍ଷା କରିବା ଦ୍ୱାରା ଅମ୍ଳଜାନ ଉତ୍ପାଦନ ଓ ଜଳ ଚକ୍ରକୁ ସ୍ଥିର ରଖିପାରିବା। ଦ୍ୱିତୀୟତଃ ଅନୁମତି ବିହୀନ କଳକାରଖାନାର ବଦଳା ପ୍ରବାହକୁ ନିୟନ୍ତ୍ରଣ କରିବା ଦ୍ୱାରା ପାରିପାର୍ଶ୍ୱିକ ସନ୍ତୁଳନ ରଖାଯାଇପାରିବ। ତୃତୀୟତଃ ଜଳ ସଂରକ୍ଷଣ, ଜଳ ପୁନଃଚକ୍ରାନ୍ତରଣ ଓ ପ୍ଲାଷ୍ଟିକ ବିନିମୟରେ ବାୟୋଡ୍ରିଗ୍ରେଡେବଲ ବସ୍ତୁ ବ୍ୟବହାର ଦ୍ୱାରା ପ୍ରକୃତି ସଂରକ୍ଷିତ ହୋଇପାରିବ। ସ୍ଥାନୀୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହା ପାଇଁ ନୀତି ଗତି ଓ ଆଇନ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବା ଦରକାର।

ଇକୋକ୍ଲବ୍ ଗଠନ

ଶିକ୍ଷକ ଏକ 'ଇକୋକ୍ଲବ୍' ଗଠନରେ ଅବସ୍ଥାପନା ଭୂମିକା ନିର୍ବାହ କରନ୍ତି। ଏହି କ୍ଲବ୍ ମାଧ୍ୟମରେ ଛାତ୍ରମାନେ ବୃକ୍ଷରୋପଣ, ତଳକୁ ତଳ ଘୂର୍ଣ୍ଣନ, ବ୍ୟାପକ ପ୍ରଶିକ୍ଷଣ ଓ ପୁନଃଚକ୍ରଣ ଆଦି ପ୍ରକ୍ରିୟା ଶିଖନ୍ତି। ଶିକ୍ଷକମାନେ ଏହି କ୍ଲବ୍ ପାଇଁ ସମୟ ଓ ଉତ୍ସାହ ଦେଇଥିବା ଛାତ୍ରଛାତ୍ରୀଙ୍କର ଶ୍ରମ ଓ ଜ୍ଞାନ ଦୁହିଁଙ୍କୁ ଯୋଗ କରନ୍ତି। ଏହା ଏକ ଛାତ୍ର ଏବଂ ଶିକ୍ଷକଙ୍କର ମିଳିତ ସଚେତନ ଗୋଷ୍ଠୀ ଅଟେ। ଏଥିରେ ସଚେତନତା ଜାଗ୍ରତ କରାଇବା ପାଇଁ ନାନା ପ୍ରକାରର ପ୍ରତିଯୋଗିତା ମଧ୍ୟ କରାଯାଇଥାଏ। ଏହାର ତତ୍ତ୍ୱାବଧାନରେ ପ୍ଲାନେଟ୍ ଡେ, ପରିବେଶ ଦିବସ, ବୃକ୍ଷରୋପଣ ଅଭିଯାନ ଇତ୍ୟାଦି ପରିଚାଳିତ ହୁଏ। ଶିକ୍ଷକଙ୍କ ନେତୃତ୍ୱରେ ସମସ୍ତଙ୍କ ମିଳିତ ଉଦ୍ୟମରେ ସବୁଜିମାର ପରିସର ବ୍ୟାପ୍ତ କରାଯାଇପାରେ।

ପ୍ରକୃତିର ଅବଦାନ

ଜନସଂଖ୍ୟା ବୃଦ୍ଧି ହେତୁ ମାନବ ତାର ଖାଦ୍ୟ, ବସ୍ତ୍ର ଓ ବାସଗୃହର ଚାହିଦା ମେଣ୍ଟାଇବା ପାଇଁ ସବୁଜ ବନାନୀକୁ ଧ୍ୱଂସ କରି ଚାଲିଛି ଯାହାଫଳରେ ବାୟୁମଣ୍ଡଳରୁ ଅମ୍ଳଜାନର ପରିମାଣ କମିବାରେ ଲାଗିଛି ଓ ଅଙ୍ଗାରକାମ୍ଳର ମାତ୍ରା ବଢ଼ିବାରେ ଲାଗିଛି। ଅଙ୍ଗାରକାମ୍ଳ ଏକ ବିଷାକ୍ତ ବାଷ୍ପ। ଏହାର ପରିମାଣ ବୃଦ୍ଧିରେ ମେରୁ ଅଞ୍ଚଳରେ ଥିବା ବରଫ ତରଳି ଯାଇଛି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି। ମେରୁ ଅଞ୍ଚଳ ଯଦି ଏହି ପରି ଭାବେ ଉତ୍ତପ୍ତ ହୋଇ ତରଳି ଚାଲେ, ତେବେ କିଛି ବର୍ଷ ମଧ୍ୟରେ ସମୁଦ୍ର ପତ୍ତନ ବଢ଼ି ଯିବ ଏବଂ ସମୁଦ୍ର ଜଳ ମଧ୍ୟରେ କେତେକ ସହର ଜଳମଗ୍ନ ହୋଇଯିବ। ଅମ୍ଳଜାନର ପରିମାଣ କମ୍ ହେବା ଯୋଗୁଁ ପାଣିପାଗରେ ଅନିୟମିତତା ଦେଖାଯାଉଛି। ଠିକ୍ ସମୟରେ ବର୍ଷା ହେଉନାହିଁ କିମ୍ବା ଯେଉଁ ପରିମାଣରେ ବର୍ଷା ହେବା କଥା ତାହା ହେଉନାହିଁ। ଯଦ୍ୱାରା ବିଶ୍ୱର କୋଣ ଅନୁକୋଣରେ ମରୁଡ଼ି ତଥା ଦୁର୍ଭିକ୍ଷ ତାଣ୍ଡବ ଲୀଳା ସୃଷ୍ଟି ହେଉଛି। ଅଙ୍ଗାରକାମ୍ଳ ବୃଦ୍ଧି ଆମ ଓଜନସ୍ତରରେ କଣା ବା ଫାଟ ସୃଷ୍ଟି କରୁଛି। ଏହାଦ୍ୱାରା ସୂର୍ଯ୍ୟଙ୍କଠାରୁ ଆସୁଥିବା ବିଷାକ୍ତ ଅତି ବାଇଗଣୀ ରଶ୍ମି ମଣିଷ ଚର୍ମରେ ଚର୍ମ କର୍କଟ ତଥା ଭୟଙ୍କର ରୋଗ ହେବାର ଆଶଙ୍କା ସୃଷ୍ଟି କରିଛି।

ପ୍ରକୃତି ଓ ଜୀବନ ଏକ ଅନ୍ୟ ଉପରେ ନିର୍ଭର କରିଥାଏ। ଯଦି ପ୍ରକୃତି ଧ୍ୱଂସ ହୁଏ, ତେବେ ଜୀବଜଗତର ବିନାଶ ନିଶ୍ଚିତ। ବିଶ୍ୱର ସମସ୍ତ ନାଗରିକ ଯଦି ସଚେତନ ହୁଅନ୍ତି, ତେବେ ଆମର ଏହି ସୁନ୍ଦର ପରିବେଶ ସେମିତି ସୁନ୍ଦର ହୋଇ ରହିବ। ■

ଅତିଥି ଅଧ୍ୟାପକ, ମୌଳିକ କଳା ଓ ବିଜ୍ଞାନ ମହାବିଦ୍ୟାଳୟ
ଓୟୁଏଟି, ଭୁବନେଶ୍ୱର

ନୀତି ଅନୀତି ରାଜନୀତି

ଶ୍ରୀବିଦୁର

ମ୍ୟାଡାମ୍‌ଙ୍କୁ ମିଳିବ ମନ୍ତ୍ରୀ ପଦ!

ରାଜ୍ୟରେ ପଦ୍ମ ସରକାର ଗଠନ ପରେ ସୁରମା ପାଢ଼ୀଙ୍କୁ ମନ୍ତ୍ରୀ ପଦ ମିଳିବ ବୋଲି ଶୁଣା ଯାଉଥିଲା, ମାତ୍ର ଶେଷରେ ତାଙ୍କୁ ମିଳିଲା ବାଚସ୍ପତି ପଦ । ଏବେ ନିକଟ ଭବିଷ୍ୟତରେ ହେବାକୁଥିବା ସମ୍ପ୍ରସାରଣ ବେଳେ ସୁରମାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିବ ବୋଲି କୁହାଯାଉଛି । ମନ୍ତ୍ରୀ ଭାବରେ ତାଙ୍କର ଅଭିଜ୍ଞତାକୁ ମୋହନ ସରକାର କାର୍ଯ୍ୟରେ ଲଗାଇବାକୁ ଆପାତତଃ ନିଷ୍ପତ୍ତି ନେଇଛନ୍ତି । ସୁରମାଙ୍କୁ ମନ୍ତ୍ରୀ ପଦ ପ୍ରଦାନ ସପକ୍ଷରେ ଉଭୟ ମୋହନ ଓ ମନମୋହନ କୁଆଡ଼େ ସମ୍ମତ ହୋଇଛନ୍ତି । ପଦ୍ମ ଦଳର ଯେଉଁ ଆଙ୍ଗୁଳିଗଣତି କିଛି ନେତାଙ୍କର ପୂର୍ବରୁ ମନ୍ତ୍ରୀ ହେବାର ଅଭିଜ୍ଞତା ରହିଛି; ସେମାନଙ୍କ ମଧ୍ୟରୁ ବାଚସ୍ପତି ସୁରମା ପାଢ଼ୀ ଅନ୍ୟତମ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡ଼ିଗ୍ରୀ ସହ ଆଇନରେ ମଧ୍ୟ ସ୍ନାତକ ଡ଼ିଗ୍ରୀ ସେ ପାଇଛନ୍ତି । ପୂର୍ବରୁ ରଣପୁରରୁ ନିର୍ବାଚିତ ହୋଇ ତତ୍କାଳୀନ ମେଣ୍ଟ ସରକାରରେ ସମବାୟ ମନ୍ତ୍ରୀ ଭାବରେ ଦୀର୍ଘକାଳ କାର୍ଯ୍ୟ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୀର୍ଘଦିନ ହେଲା ସେ ଦଳ ଓ ସଙ୍ଗଠନରେ ଥିଲେ ସୁଦ୍ଧା ଗୋଷ୍ଠୀ ରାଜନୀତିଠାରୁ ନିଜକୁ ଦୂରରେ ରଖିଛନ୍ତି ଓ କାହା ବିରୋଧରେ ବା ସପକ୍ଷରେ ସେ କୌଣସି ଟୀକା ଟିପ୍ପଣୀ ଦେଇଥିବା କେବେ ଦେଖାଯାଇ ନାହିଁ । ହେଲେ ସୁରମାଙ୍କୁ ମନ୍ତ୍ରୀ ପଦ ମିଳିଲେ, ତାଙ୍କ ସ୍ଥାନରେ କାହାକୁ ବାଚସ୍ପତି କରାଯିବ ତାହା କୁଆଡ଼େ ସ୍ଥିର ହୋଇ ପାରିନାହିଁ । ତେବେ ରାମମନ୍ଦିର ଆଖଡ଼ା ଆଡୁ ଆସୁଥିବା ଖବର ଅନୁସାରେ ବାଚସ୍ପତି ପଦରେ ପଶ୍ଚିମ ଓଡ଼ିଶାର ଜଣେ ନେତାଙ୍କୁ ବସାଇବା ପାଇଁ ଦଳ ଯୋଜନା କରୁଛି । ଯଦି ଏହା ସତ୍ୟ ହୁଏ ତେବେ ମ୍ୟାଡାମ୍ ସ୍ପିକର ଆଗାମୀ ଦିନରେ ମାନ୍ୟବର ମନ୍ତ୍ରୀ ହେବା ନିଶ୍ଚିତ । ■

ଛେନା ଝିଲି ରାଜ୍ୟରେ ଭସ୍ମାସୁର

ପଦ୍ମ ଦଳର ଦୁଇ ନେତାଙ୍କ ମଧ୍ୟରେ ଶବ୍ଦ ଯୁଦ୍ଧ ଆଉ ନିମାପଡ଼ାରେ ସୀମିତ ନାହିଁ । ଏହି ଯୁଦ୍ଧର ଘୋର ଧ୍ୱନୀ ଏବେ ରାଜଧାନୀରେ ବି ପହଞ୍ଚି ଗଲାଣି । ଜଣେ ହେଲେ ନିମାପଡ଼ାର ଅପା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଜଣେ ହେଲେ ଦଳର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀରରଞ୍ଜନ ଦାଶ । ନିର୍ବାଚନ ପୂର୍ବରୁ ଅପା-ଭାଇନା ଥିଲେ ପରସ୍ପର ବିରୋଧୀ । ଠିକ୍ ନିର୍ବାଚନ ପୂର୍ବରୁ ଭାଇନା ପଦ୍ମ ପୋଖରୀକୁ ଝାସ ଦେଇ ସ୍ୱଇଚ୍ଛାରେ ଅପାଙ୍କୁ ସମର୍ଥନ ଜଣାଇବାକୁ ବାହାରି ପଡ଼ିଥିଲେ । ନିର୍ବାଚନ ଫଳ ପ୍ରକାଶ ପରେ ଅପା ମଧ୍ୟ ଭାଇନାଙ୍କୁ ଭେଟି ନିଜର କୃତଜ୍ଞତା ଜ୍ଞାପନ କରିଥିଲେ । ମାତ୍ର ଗଲା କେଇ ମାସ ଧରି ଦିହିଁଙ୍କ ମଧ୍ୟରେ ସୃଷ୍ଟ ତିକ୍ତତା ନିମାପଡ଼ାର ମିଠା ଝିଲିକୁ ବି ପିତା କରି ଦେଲାଣି । ଯାହା ତ ଚାଲିଥିଲା, ମାତ୍ର ଏବେ ବଲଙ୍ଗୀ ଛାତ୍ରୀ ପୋଡ଼ି ଘଟଣା ପରେ ଭାଇନା ସମୀରଙ୍କ ଉଗ୍ର ରୂପ ଓ ଅପା ପ୍ରଭାତୀଙ୍କୁ ତୀକ୍ଷ୍ଣ କଟାକ୍ଷ ପରିସ୍ଥିତିକୁ ବିଷମୟ କରି ଦେଇଛି । ସେ କ୍ଷମତାରେ ଥିଲେ ଏପରି କିଛି ଘଟଣା ଘଟି ନ ଥାନ୍ତା ବୋଲି ସିଧାସଳଖ ପ୍ରଭାତୀଙ୍କୁ ଆକ୍ଷେପର ତୀର ମାରିଛନ୍ତି ସମୀର । ହେଲେ ଉପମୁଖ୍ୟମନ୍ତ୍ରୀ ଅପା ଆହୁରି ଚାଲାକ, ସମୀରଙ୍କ ଶବ୍ଦର ଜବାବ ଦେବା ଅପେକ୍ଷା ସିଧା ଯାଇ ପହଞ୍ଚିଗଲେ ଦିଲ୍ଲୀରେ । ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ । ଆଉ ଦଳର ଦିଲ୍ଲୀ ନେତୃତ୍ୱଙ୍କ ପାଖରେ ଯେଉଁ ଛୋଟିଆ ବାରୁଦଟି ଗେଞ୍ଜି ଦେଇ ଆସିଲେ, ତାହା କୁଆଡ଼େ ଖୁବ୍ ଶୀଘ୍ର ବିସ୍ଫୋରଣ ହେବ ବୋଲି ଶୁଣାଗଲାଣି । ଭସ୍ମାସୁର ଏବେ ତିନି ପାଞ୍ଚିରୁ ଯିବ ବୋଲି ନିମାପଡ଼ାରେ ଅପାଙ୍କ ଅନୁଗତମାନେ କହୁଥିବା ଶୁଣାଯାଉଛି । ତେବେ ଭସ୍ମାସୁର କିଏ? ଭାଇନା କି ? ■

ଅପରାଜିତାଙ୍କ କ୍ଷୋଭ ଓ ଚେରାପୁଞ୍ଜି ବର୍ଷା

କେଇଦିନ ତଳେ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ସାଂସଦ ଷଡ଼ଙ୍ଗୀ ମ୍ୟାଡ଼ାମ୍ ରଥଯାତ୍ରା ଦଳାଚକଟା, ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ଼ ଓ ଫକୀର ମୋହନ କଲେଜ ଛାତ୍ରୀଙ୍କ ଆମ୍ନିଦାହ ପରି ଘଟଣା ହେବାର ନ ଥିଲା ବୋଲି ପ୍ରକାଶ କରିଥିବା କ୍ଷୋଭ ପଦ୍ମ ଦଳରେ ସୃଷ୍ଟି କରିଛି ଆଲୋଡ଼ନ । ଦଳୀୟ କାର୍ଯ୍ୟାଳୟରେ ସାଂସଦଙ୍କ ମନ୍ତବ୍ୟକୁ ତାଙ୍କରି ଦଳର କିଛି ବଡ଼ ନେତା ଗ୍ରହଣ କରିପାରି ନାହାନ୍ତି । ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ନେଇ ସାଂସଦ କ୍ଷୋଭ ପ୍ରକାଶ କରି କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ବୋଲି ବି ଏହି ନେତାମାନେ ପ୍ରଶ୍ନ କରିଛନ୍ତି । ଅପରାଜିତାଙ୍କ ଏପରି ମନ୍ତବ୍ୟ ସରକାରଙ୍କୁ ଅଧିକ ଅଡୁଆରେ ପକାଇ ପାରେ ବୋଲି ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଆଉ ସତକୁ ସତ ଅପରାଜିତାଙ୍କ କଥାକୁ ଅସ୍ତ୍ର କରି ଉଭୟ ଶଙ୍ଖ ଦଳିଆ ଓ ହାତ ଦଳିଆ ସରକାରଙ୍କ ଉପରେ ବେଶ୍ ପ୍ରହାର କରିଛନ୍ତି । ସାଂସଦ ଯେଉଁ ଘଟଣାଗୁଡ଼ିକ କଥା କହି ନାହାନ୍ତି, ତାହା କ'ଣ ଘଟିବା ଉଚିତ୍ କି ବୋଲି ପାଲଟା ପ୍ରଶ୍ନ କରିଛନ୍ତି । ଭରତପୁର ଥାନା ମେଜରଙ୍କ ବାନ୍ଧବୀଙ୍କ ଘଟଣା, ଚିକିଟି ମଦମୃତ୍ୟୁ, ଗୋପାଳପୁର ଗଣବଳାତ୍କାର, ବଲଙ୍ଗା ଘଟଣା, ଆମେରିକା ସରକାରଙ୍କ ମାର୍ଗଦର୍ଶିକା ସମ୍ପର୍କରେ ସାଂସଦଙ୍କ ନିରବତାକୁ ନିଶାଣ କରିଛନ୍ତି । ବିଏମ୍‌ସି ଘଟଣା ପରି ଅନ୍ୟ ଘଟଣାରେ ସେ କାହିଁକି ଟ୍ୱିଟ୍ କରୁନାହାନ୍ତି ବୋଲି ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ କରିଥିବା ପ୍ରଶ୍ନରେ ବେଗୁନିଆ ବିଜୁଳି କମ୍ପାନୀର ଜଣେ କନିଷ୍ଠ ସହଯୋଗୀ ସାଂସଦ ଷଡ଼ଙ୍ଗୀଙ୍କୁ ଚେରାପୁଞ୍ଜିର ବର୍ଷା ସହ ତୁଳନା କରିଛନ୍ତି । ହେଲେ ମ୍ୟାଡ଼ାମ ଅପରାଜିତାଙ୍କ ସହ ଚେରାପୁଞ୍ଜି ବର୍ଷା ସହ କି ସମ୍ପର୍କ ତାହା ଆମେ ବୁଝି ପାରୁନାହୁଁ । ■

ସ୍ୱାସ୍ଥ୍ୟ ବିଭାଗକୁ ମାନସିକ ରୋଗ

ମୋହନ ସରକାରରେ ସବୁଠୁ ବିବାଦରେ ଥିବା ତିନି ଚାରିଟି ବିଭାଗ ମଧ୍ୟରୁ ଗୋଟିଏ ହେଉଛି ସ୍ୱାସ୍ଥ୍ୟ ବିଭାଗ । ଗଲା ବର୍ଷେ ହେଲା ଏହି ବିଭାଗ ଓ ବିଭାଗୀୟ ମନ୍ତ୍ରୀଙ୍କୁ ବିବାଦ ପିଛା ଛାଡୁ ନାହିଁ । ଲୋକସେବା ଭବନଠାରୁ ବିଧାନସଭା ପର୍ଯ୍ୟନ୍ତ ବିବାଦର ଘନଘୋର ବାଦଲ ବିଭାଗକୁ ଢ଼ାଙ୍କି ରଖିଛି । ବିଧାନସଭାରେ ଅପଶବ୍ଦଠାରୁ କେତେବେଳେ ହଇଜା, କେତେବେଳେ ଝାଡ଼ାବାନ୍ତି, କେଉଁଠି ପୁଣି ସ୍ୱାସ୍ଥ୍ୟ ସେବାରେ ଅବହେଳା କାହାଣୀ ଡ଼ିବିଡ଼ିବି ବାଜୁଛି । ରାଜଧାନୀ ଭୁବନେଶ୍ୱର ଆଉ ପୁରୁଣା ରାଜଧାନୀ କଟକ ଡ଼ାକ୍ତରଖାନାଗୁଡ଼ିକର ଅବସ୍ଥା ଯେଉଁଠି ସଙ୍ଗୀନ, ସେଠାରେ ଅନ୍ୟ ଅଞ୍ଚଳ କଥା କିଏ ପଚାରେ? ଏହି ସମୟରେ କଟକ ଡ଼ାକ୍ତରଖାନାକୁ ଚିକିତ୍ସା ହେବାକୁ ଯାଇ ମେସିନ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ନିରାଶ ହେବା ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି । ଏସ୍‌ସିବିରେ ଏମ୍‌ଆର୍‌ଆଇ ମେସିନ୍ ଖରାପ ଯୋଗୁଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରକୁ ଏମ୍‌ଆର୍‌ଆଇ ପାଇଁ ଯିବାକୁ ପଡ଼ିଛି । ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ରାଜ୍ୟର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ମିଳିପାରୁ ନାହିଁ; ସେଠାରେ ସାଧାରଣ ଲୋକ କେଉଁପ୍ରକାର ସେବା ପାଉଥିବେ? ମାତ୍ର ଏହି ଘଟଣା ପରେ ମନ୍ତ୍ରୀ ମହାଲିଙ୍ଗ ମୋବାଇଲ୍‌ରେ କିଛି ଅଫିସର ଓ ଡ଼ାକ୍ତରଙ୍କୁ ଯେଉଁ ଶବ୍ଦ ସବୁ ପ୍ରୟୋଗ କରିଛନ୍ତି ସେଥିରୁ ତାଙ୍କ ମାନସିକ ସ୍ଥିତି ଭଲ ନ ଥିବା ଅନେକ କହୁଛନ୍ତି । ବାଡ଼ିବୁଢ଼ୀ କୋଡ଼ିଏ ମୁଣ୍ଡ ନେବା ସମୟରେ ଯେଉଁଠି ବିଭାଗୀୟ ମନ୍ତ୍ରୀ ନିଜେ ବାଡ଼ି ଧରି ରାଜରାସ୍ତାରେ ନାଚନ୍ତି, ସେଠାରେ ତାଙ୍କ ମାନସିକ ଅବସ୍ଥା ଠିକ୍ ଥିବ ବୋଲି କିଏ ବା କହିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।